

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448



✦Vol - 21✦ Issue No:160✦6 October 2025 (Monday) ✦ Rourkela ✦ Rs.2.00 ✦ Page -1 ✦୨୧ ବର୍ଷ ✦ସଂଖ୍ୟା:୧୬୦✦୬ ଅକ୍ଟୋବର ୨୦୨୫ (ସୋମବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬


## ନଭେମ୍ବର ୨୨ ପୂର୍ବରୁ ବିହାର ବିଧାନସଭା ନିର୍ବାଚନ : ସିଇସିଙ୍କ ଘୋଷଣା



ନୂଆଦିଲ୍ଲୀ,୫/୧୦ :ରାଜନୈତିକ ଦଳଗୁଡ଼ିକ ବିହାର ବିଧାନସଭା ନିର୍ବାଚନରେ ସକ୍ରିୟ ଭାବରେ ନିୟୋଜିତ ଥିବା ବେଳେ, ନିର୍ବାଚନ କମିସନ ମଧ୍ୟ ପ୍ରସ୍ତୁତି ସମାପ୍ତ କରିଛନ୍ତି । ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର କହିଛନ୍ତି ଯେ, ବିହାର ବିଧାନସଭା ନିର୍ବାଚନ ନଭେମ୍ବର ୨୨ ତାରିଖ ପୂର୍ବରୁ ସମାପ୍ତ ହେବ, କାରଣ ବିହାର ବିଧାନସଭାର କାର୍ଯ୍ୟକାଳ ନଭେମ୍ବର ୨୨ ତାରିଖରେ ଶେଷ ହେଉଛି । ସେ କହିଛନ୍ତି, ବିହାର ପରି, ସାରା ଦେଶରେ ଏସଆଇଆର ପରିଚାଳନା କରାଯିବ । ମୁଖ୍ୟ ନିର୍ବାଚନ କମିସନର କହିଛନ୍ତି, ଏହି ନିର୍ବାଚନରେ କମିସନଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ନୂତନ ପଦକ୍ଷେପଗୁଡ଼ିକ ଭବିଷ୍ୟତରେ ସାରା ଦେଶରେ କାର୍ଯ୍ୟକାରୀ ହେବ । ବିହାରରେ ମୋଟ ୨୪୩ଟି ବିଧାନସଭା ଆସନ ଅଛି ଏବଂ ନିର୍ବାଚନ ସମୟସୀମାରେ ଅନୁଷ୍ଠିତ ହେବ । ସମ୍ପୂର୍ଣ୍ଣ ନିର୍ବାଚନ କମିସନ ଦଳ ଦୁଇ ଦିନ ଧରି ବିହାରରେ ସକ୍ରିୟ ଅଛନ୍ତି । ଏହି ସମୟ ମଧ୍ୟରେ, ଦଳ ସମ୍ପୂର୍ଣ୍ଣ ନିର୍ବାଚନ ପ୍ରସ୍ତୁତି ସୁନିଶ୍ଚିତ କରିବା ପାଇଁ ପାଟନାରେ ରାଜନୈତିକ ଦଳ, ପ୍ରଶାସନିକ ନିର୍ବାଚନ ଅଧିକାରୀ, ରାଜ୍ୟ ପ୍ରଶାସନିକ ଅଧିକାରୀ, ପ୍ରବର୍ତ୍ତନ ସଂସ୍ଥା, ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ), ସ୍ୱତନ୍ତ୍ର ପୁଲିସ ନୋଡାଲ ଅଧିକାରୀ (ଏସପିଏନଓ) ଏବଂ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ (ସିଏପିଏଫ) ନୋଡାଲ ଅଧିକାରୀଙ୍କ ସହିତ ବୈଠକ କରିଥିଲେ । ନିର୍ବାଚନ କମିସନ କହିଛନ୍ତି ଯେ କୌଣସି ପୋଲିଂ ବୁଥରେ ଏବେ ୧୨୦୦ ରୁ ଅଧିକ ଭୋଟର ରହିବେ ନାହିଁ । ଏହି ବ୍ୟବସ୍ଥା ଭୋଟଦାନ ପ୍ରକ୍ରିୟା ଏବଂ ସୁରକ୍ଷା ଉଭୟକୁ ଉନ୍ନତ କରିବ । ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ)ମାନେ ଏବେ ସିଧାସଳଖ ଭୋଟରଙ୍କ ସହିତ ଯୋଗାଯୋଗ କରିବେ ଏବଂ ସହଜରେ ଚିହ୍ନଟ ପାଇଁ ସେମାନଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି । ଏହା ବ୍ୟତୀତ, ଭୋଟ ଦେବା ପାଇଁ ମୋବାଇଲ୍ ଫୋନ୍ ଜମା କରିବାର ବିକଳ୍ପ ମଧ୍ୟ ଆରମ୍ଭ କରାଯାଇଛି, ଯାହା ଦ୍ୱାରା ଭୋଟରମାନେ ମତଦାନ କେନ୍ଦ୍ରକୁ ସେମାନଙ୍କର ମୋବାଇଲ୍ ଫୋନ୍ ନେଇ ପାରିବେ ନାହିଁ । ମୁଖ୍ୟ ନିର୍ବାଚନ କମିସନର ଘୋଷଣା କରିଛନ୍ତି ଯେ ବିହାରରେ ଏକ ୱାନ୍-ଷ୍ଟପ୍ ଡିଜିଟାଲ୍ ପ୍ଲାଟଫର୍ମ କାର୍ଯ୍ୟକାରୀ କରାଯିବ । ପ୍ରତ୍ୟେକ ପ୍ରାର୍ଥୀ ଏବେ ମତଦାନ କେନ୍ଦ୍ରର ୧୦୦ ମିଟର ମଧ୍ୟରେ ସେମାନଙ୍କର ଏଜେଂଟ ନିୟୋଜିତ କରିପାରିବେ । ସମସ୍ତ ମତଦାନ କେନ୍ଦ୍ରରେ ୧୦୦% ୱେବକାଷ୍ଟିଂ ହେବ । ଇଭିଏମ୍‌ରେ ଏବେ କଳା ଏବଂ ଧଳା ବାଲଟ୍ ପେପର ବଦଳରେ ରଙ୍ଗୀନ ଫଟୋ ଏବଂ ସିରିଏଲ୍ ନମ୍ବର ଥିବା ବାଲଟ୍ ପେପର ବ୍ୟବହାର କରାଯିବ ।

## ସହିଦ୍ ବାଜି ରାଉତଙ୍କୁ ଶ୍ରଦ୍ଧାଞ୍ଜଳୀ ଦେଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୫/୧୦(ନି/ପ୍ର) : ଆଜି ସହିଦ୍ ବାଜି ରାଉତଙ୍କ ଜନ୍ମ ଜୟନ୍ତୀ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏବଂ ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ବିଧାନସଭା ପରିସରରେ ଥିବା ବାଜି ରାଉତଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି । ବିଧାୟକ ବାବୁ ସିଂ, ଅନନ୍ତ ନାରାୟଣ ଜେନା , ଯୁବ ନେତା ଜଗନ୍ନାଥ ପ୍ରଧାନଙ୍କ ସମେତ ବହୁ ଅଧିକାରୀ ଏବଂ ସାମାଜିକ କର୍ମୀ ମଧ୍ୟ ଯୋଗଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ମୁଖ୍ୟମନ୍ତ୍ରୀ ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି ମାତ୍ର ୧୨ବର୍ଷ ବୟସରେ ଦେଶପାଇଁ ପ୍ରାଣବଳି ଦେଇ ଇତିହାସ ସୃଷ୍ଟି କରିଥିବା ଶହୀଦ ବୀର ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଭକ୍ତିପୂତ ପ୍ରଣାମ । ସେପଟେ ସହିଦଙ୍କ ଗାଁ ଢେଙ୍କାନାଳ ନୀଳକଣ୍ଠପୁର ଭୁବନରେ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ପାଳନ କରାଯିବ ।

## ଦିଲ୍ଲୀ ଗସ୍ତରେ ମନମୋହନ ସାମଲ

ଭୁବନେଶ୍ୱର, ୫/୧୦: ଦିଲ୍ଲୀ ଗସ୍ତରେ ଗଲେ ମନମୋହନ ସାମଲ । ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଦିଲ୍ଲୀ ଗସ୍ତ କରିଛନ୍ତି । ମନମୋହନଙ୍କ ଏହି ଦିଲ୍ଲୀ ଗସ୍ତ ରାଜ୍ୟ ବିଜେପି ।ଇଁ ବେଶ ଗୁରୁତ୍ୱପୂର୍ଣ୍ଣ । ଏହି ଅବସରରେ ସରକାର ଏବଂ ସଙ୍ଗଠନ ପାଇଁ ବିଜେପି ରାଜ୍ୟ ସଭାପତି ଦଳର ଶୀର୍ଷ ନେତୃତ୍ୱଙ୍କ ସହ କରିବେ ଆଲୋଚନା । ବିଶେଷ କରି ଆଗକୁ ନୂଆପଡ଼ା ଉନିର୍ବାଚନ ବିଜେପି କାହାକୁ କରିବ ପ୍ରାର୍ଥୀ ତାକୁ ନେଇ ମଧ୍ୟ ମନମୋହନ ଦଳୀୟ ନେତାଙ୍କ ସହ କରିବେ ବିଚାର ବିମର୍ଶ ।

## ଘାତକ ସାଜିଛି କଫ୍ ସିରପ୍ :

### ଜରୁରୀ ବୈଠକ ଡାକିଲେ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ



ନୂଆଦିଲ୍ଲୀ,୫/୧୦ : ଘାତକ ସାଜିଛି କଫ୍ ସିରପ୍ । ମଧ୍ୟପ୍ରଦେଶରେ ୧୧ ଜଣ କଅଁଳ ଶିଶୁଙ୍କ ଜୀବନ ନେବାରେ ଆକ୍ସନ ମୋଡରେ କେନ୍ଦ୍ର ସରକାର । ଏ ନେଇ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ଜରୁରୀ ବୈଠକ ଡାକିଛନ୍ତି । ଆଜି ଅପରାହ୍ନ ୪ଟାରେ ସବୁ ରାଜ୍ୟର ସ୍ୱାସ୍ଥ୍ୟ ସଚିବ ଏବଂ ଡ୍ରଗ୍ସ କଣ୍ଟ୍ରୋଲରଙ୍କ ସହ ଭିଡିଓ କନଫରେନ୍ସିଂ ଜରିଆରେ ଆଲୋଚନା କରିବା ନେଇ ସୂଚନା ମିଳିଛି । ସେପଟେ ଅଧିକାଂଶ ରାଜ୍ୟ ଏବେ କଫ୍ ସିରପ୍ କୁ ବ୍ୟାନ୍ କରିଛନ୍ତି । କେରଳ , ମଧ୍ୟପ୍ରଦେଶ ଏବଂ ତାମିଲନାଡୁ ଭଳି ରାଜ୍ୟ ଏବେ ଏହାକୁ ବ୍ୟାନ୍ କରିଥିବାବେଳେ ଅନ୍ୟ ରାଜ୍ୟ ଏହାଉପରେ ଅଧିକ ଅନୁଧ୍ୟାନ କରୁଛନ୍ତି । କଫ୍ ସିରପ୍ ବିକ୍ରି ଓ ବଣ୍ଟନ ଉପରେ ରୋକ୍ ଲଗାଯାଇଛି । ବିଭିନ୍ନ ଅଂଚଳରୁ ନମୁନା ସଂଗ୍ରହ କରାଯିବା ପରେ ସରକାର ପଦକ୍ଷେପ ନେଉଛନ୍ତି । ଲ୍ୟାବ୍ ଟେଷ୍ଟରୁ ଜଣାପଡିଛି ଯେ , ଏହି ସିରପ୍‌ରେ ସର୍ବାଧିକ ମାତ୍ରାରେ ବିଷାକ୍ତ କେମିକାଲ୍ ବ୍ୟବହାର ହୋଇଛି । ଦୁଇ ବର୍ଷରୁ କମ୍ ବୟସର ପିଲାଙ୍କୁ ଏହି କଫ୍ ସିରିପ୍ ଦେବା ନେଇ କଟକଣା ରହିଛି । ସେପଟେ ମଧ୍ୟପ୍ରଦେଶରେ ଯେଉଁ ଡାକ୍ତର କିଛି ଶିଶୁଙ୍କ ପାଇଁ ଏହାକୁ ପ୍ରେସକ୍ରାଇବ୍ କରିଥିଲେ , ତାଙ୍କୁ ଗିରଫ କରାଯାଇଛି । ତେବେ ଅନେକ ରାଜ୍ୟ ଏହା ଉପରେ ଅନୁଧ୍ୟାନ କରିବା ଆରମ୍ଭ କରିଛନ୍ତି ।

## ସରକାରଙ୍କ ବଡ଼ ନିଷ୍ପତି, ଏବେ ମାଗଣାରେ ହେବ ଆଧାର ବାୟୋମେଟ୍ରିକ୍ ଅପଡେଟ୍



ନୂଆଦିଲ୍ଲୀ,୫/୧୦: ସରକାର ଦେଲେ ଖୁସି ଖବର । ଏଣିକି ଫ୍ରି ରେ ହେବ ଆଧାର ଅପଡେଟ୍, ଦେବାକୁ ପଡ଼ିବନି ଟଙ୍କାଟିଏ । ଭାରତୀୟ ସ୍ୱତନ୍ତ୍ର ପରିଚୟ ପ୍ରାଧିକରଣ (ଟଓଉଇଓ) ଏନେଇ ଶନିବାର ଘୋଷଣା ସୂଚନା କରିଛି । ସୂଚନାନୁସାରେ, ଆଧାରରେ ପିଲାମାନଙ୍କ ପାଇଁ ବାଧ୍ୟତାମୂଳକ ବାୟୋମେଟ୍ରିକ୍ ଅପଡେଟ୍ (ଗଇଟ) ଫି ସମ୍ପୂର୍ଣ୍ଣ ଛାଡ଼ କରାଯାଇଛି । ଏହି ନୂତନ ନିୟମ ୧ ଅକ୍ଟୋବର, ୨୦୨୫ ରୁ କାର୍ଯ୍ୟକାରୀ ହେବ ଏବଂ ପରବର୍ତ୍ତୀ ଗୋଟିଏ ବର୍ଷ ପାଇଁ କାର୍ଯ୍ୟକାରୀ ହେବ । ଟଓଉଇଓ କହିଛି ଯେ ଏହି ପଦକ୍ଷେପ ଦ୍ୱାରା ପ୍ରାୟ ୬୦ ନିୟୁତ ପିଲା ଉପକୃତ ହେବେ । ୫ ବର୍ଷରୁ କମ୍ ବୟସର ପିଲାଙ୍କ ଆଧାର କାର୍ଡ ପାଇବା ପାଇଁ ସେମାନଙ୍କର ଫଟୋ, ନାମ, ଜନ୍ମ ତାରିଖ, ଲିଙ୍ଗ, ଠିକଣା ଏବଂ ଜନ୍ମ ପ୍ରମାଣପତ୍ର ଆବଶ୍ୟକ । ଏହି ବୟସରେ ଆଙ୍ଗୁଠି ଛାପ ଏବଂ ଆଇରିସ୍ ବାୟୋମେଟ୍ରିକ୍ସ ନିଆଯାଇ ନାହିଁ କାରଣ ସେମାନେ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବିକଶିତ ହୋଇନାହାଁନ୍ତି । ବର୍ତ୍ତମାନର ନିୟମ ଅନୁଯାୟୀ, ୫ ବର୍ଷ ବୟସ ପରେ ପିଲାମାନଙ୍କ ଆଙ୍ଗୁଠି ଛାପ, ଆଇରିସ୍ ଏବଂ ଫଟୋ ଆଧାରରେ ଅପଡେଟ୍ କରିବାକୁ ପଡିବ । ସାମ୍ପ୍ରତିକ ନିୟମଗୁଡିକ: ୫ ବର୍ଷରୁ କମ୍ ବୟସର ପିଲାମାନେ ସେମାନଙ୍କର ଫଟୋ, ନାମ, ଜନ୍ମ ତାରିଖ, ଲିଙ୍ଗ, ଠିକଣା ଏବଂ ଜନ୍ମ ପ୍ରମାଣପତ୍ର ପ୍ରଦାନ କରି ଆଧାର ପାଇଁ ପଞ୍ଜିକରଣ କରିପାରିବେ । ଏବେ ସେମାନଙ୍କର ବାୟୋମେଟ୍ରିକ୍ ଅପଡେଟ୍ ପାଇଁ କୌଣସି ଶୁଳ୍କ ଦେବାକୁ ପଡ଼ିବ ନାହିଁ । ପିଲା ୫ ବର୍ଷ ବୟସ ହେବା ପରେ ପ୍ରଥମ ବାଧ୍ୟତାମୂଳକ ବାୟୋମେଟ୍ରିକ୍ ଅପଡେଟ୍ ଆବଶ୍ୟକ । ୧୫-୧୭ ବର୍ଷ ବୟସରେ ଦ୍ୱିତୀୟ ଅପଡେଟ୍ ଆବଶ୍ୟକ । ପୂର୍ବରୁ, ଏହି ଅପଡେଟ୍ ୫-୭ ଏବଂ ୧୫-୧୭ ବର୍ଷର ପିଲାମାନଙ୍କ ପାଇଁ ମାଗଣା ଥିଲା, କିନ୍ତୁ ପ୍ରତି ଗଇଟ ପାଇଁ ୧୨୫ଟଙ୍କା ଶୁଳ୍କ ଲାଗୁ ହେଉଥିଲା । ଏବେ ଟଓଉଇଓ ୫-୧୭ ବର୍ଷର ସମସ୍ତ ପିଲାଙ୍କ ପାଇଁ ଗଇଟକୁ ସମ୍ପୂର୍ଣ୍ଣ ମାଗଣା କରିଛି । ଏହାର ଅର୍ଥ ହେଉଛି ପିତାମାତାଙ୍କୁ ଆଉ ସେମାନଙ୍କ ପିଲାମାନଙ୍କର ଆଧାର ଅପଡେଟ୍ କରିବା ପାଇଁ କୌଣସି ଟଙ୍କା ଦେବାକୁ ପଡ଼ିବ ନାହିଁ । ଏହି ପଦକ୍ଷେପ ପିଲାମାନଙ୍କର ଆଧାରକୁ ସହଜରେ ଅପଡେଟ୍ କରିବା ସହଜ କରିବ ଏବଂ ଲକ୍ଷ ଲକ୍ଷ ପରିବାରକୁ ଆର୍ଥିକ ଆଶ୍ୱସ୍ତି ପ୍ରଦାନ କରିବ । ଅଭିଭାବକମାନଙ୍କୁ ପରାମର୍ଶ: ଟଓଉଇଓ ପିତାମାତା ଏବଂ ଅଭିଭାବକମାନଙ୍କୁ ଯଥାଶୀଘ୍ର ସେମାନଙ୍କ ପିଲାମାନଙ୍କର ଆଧାର ବାୟୋମେଟ୍ରିକ୍ସ ଅପଡେଟ୍ କରିବାକୁ ପରାମର୍ଶ ଦେଇଛି । ଏହା ପିଲାମାନଙ୍କୁ ବିଭିନ୍ନ ସରକାରୀ ଏବଂ ଶିକ୍ଷା ସମ୍ବନ୍ଧୀୟ ଯୋଜନାଗୁଡ଼ିକୁ ସହଜରେ ପାଇବାକୁ ସକ୍ଷମ କରିବ । ଏହା ସେମାନଙ୍କ ପାଇଁ ସ୍କୁଲରେ ନାମ ଲେଖା, ଛାତ୍ରବୃତ୍ତି ପାଇବା ଏବଂ ଡଇଞ୍ଜ ଯୋଜନା ଭଳି ସୁବିଧା ପାଇବା ସହଜ କରିବ । ଏହି ନୂତନ ନିୟମ ଆଧାର ସେବାକୁ ପିଲାମାନଙ୍କ ପାଇଁ ଅଧିକ ସୁଲଭ କରିବ । ଏହା ବ୍ୟତୀତ, ଏହି ନିଷ୍ପତି ପିଲାମାନଙ୍କ ପାଇଁ ଆଧାରର ଗୁରୁତ୍ୱକୁ ଉଜ୍ଜ୍ୱଳ କରିଥାଏ ।

## ଭସାଣିରେ ଗଣ୍ଡଗୋଳ, ଢେଲାମାଡ଼

କଟକ,୫/୧୦(ନି/ପ୍ର): କଟକରେ ମା' ଦୁର୍ଗାଙ୍କ ଭସାଣ ଉତ୍ସବ ଚାଲିଥିବାବେଳେ ଶୁକ୍ରବାର ବିଳମ୍ବିତ ରାତିରେ ଦରଘାବଜ଼ାର ଥାନା ଅଂଚଳରେ ପ୍ରବଳ ଗଣ୍ଡଗୋଳ ଘଟିଛି । ଢେଲାମାଡରେ ଡିସିପିଙ୍କ ସମେତ ୧୫ରୁ ଅଧିକ ଆହତ ହୋଇଛନ୍ତି । ସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ଲାଗି ପୁଲିସ ସ୍ଥାନୀୟ ଅଂଚଳରେ ବିଏନ୍‌ଏସ୍‌ର ୧୬୩ ଧାରା ଜାରି କରିଛି । ଉତେଜନାକୁ ପ୍ରଶମିତ କରିବାକୁ ଯାଇ ପୁଲିସକୁ ଲାଠିଚାଳନା କରିବାକୁ ପଡିଥିଲା । ଏବେ ଘଟଣାସ୍ଥଳରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ ଥିବାସତ୍ତ୍ୱେ ସ୍ଥାନୀୟ ଅଂଚଳରେ ଉତେଜନା ଲାଗି ରହିଛି । ମିଳିଥିବା ସୂଚନା ଅନୁଯାୟୀ ରାତି ପ୍ରାୟ ୨ଟା ସମୟରେ ଝାଞ୍ଜିରମଙ୍ଗଳା ଭାଗବତ ପୂଜା କମିଟିର ପ୍ରତିମା ଶୋଭାଯାତ୍ରାକ୍ଷରେ ବିସର୍ଜନ ପାଇଁ ଦେବୀଗଡ଼ା ଅଭିମୁଖେ ଯାଉଥିଲେ ।

## ୨ କୁଖ୍ୟାତ ଠକ ଗିରଫ

ଭୁବନେଶ୍ୱର,୫/୧୦(ନି/ପ୍ର): ଦୁଇ ଜଣ କୁଖ୍ୟାତ ଠକକୁ ଗିରଫ କଲା କମିଶନରେଟ୍ ପୁଲିସ୍ । ଗିରଫ ଦୁଇ ଅଭିଯୁକ୍ତ ହରିୟାଣାର ରିଙ୍କୁ ସାଇନି ଏବଂ ମନିନ୍ଦର ସିଂ ବୋଲି ଜଣାପଡିଛି । ରିଙ୍କୁ ସୋସିଆଲ ଜଷ୍ଟିସ୍ ଆଣ୍ଡ ୱିମେନ୍ ଏମ୍ପାୱାରମେଂଟ କମିଶନ କହି ଠକୁଥିଲେ । ରିଙ୍କୁଙ୍କ ପର୍ସନାଲ ଆସିଷ୍ଟାଣ୍ଟ କହି ମନିନ୍ଦର ମଧ୍ୟ ଠକେଇରେ ସାମିଲ ଥିଲେ । ଭୁବନେଶ୍ୱର ମୈତ୍ରୀବିହାର ଅଂଚଳରୁ ପୁଲିସ୍ ଉଭୟଙ୍କୁ ଗିରଫ କରିଥିବା ସୂଚନା ମିଳିଛି । ଏମ୍‌ଏଚ୍‌ଏରେ କମିଶନ ଭାବେ କାର୍ଯ୍ୟ ନେଇ ଜାଲ୍ ଆଇକାର୍ଡ ପ୍ରସ୍ତୁତ କରିଥିଲେ । ସ୍ୱରାଷ୍ଟ୍ର ମନ୍ତ୍ରାଳୟ ସହ ଯୋଗାଯୋଗ କରିବା ପରେ ସତ୍ୟାସତ୍ୟ ଜଣାପଡିଥିବା କହିଛନ୍ତି ସିପି । ଏ ନେଇ ହରିୟାଣା ପୁଲିସ୍ ସହ ମଧ୍ୟ ଯୋଗାଯୋଗ କରାଯାଇଥିଲା । ଯଦି କେହି ଏମାନଙ୍କ ଦ୍ୱାରା ଠକାମୀରେ ପଡିଥାନ୍ତି , ତେବେ ତୁରନ୍ତ ଥାନାକୁ ଜଣାନ୍ତୁ ।

## ମାନଚିତ୍ରରୁ ପାକିସ୍ତାନକୁ ପୋଛି ଦେବୁ : ଭାରତର ଚେତାବନୀ




ନୂଆଦିଲ୍ଲୀ/ ଇସଲାମାବାଦ,୫/ ୧୦ : ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ପୁଣି ଥରେ ଚରମ ସୀମାରେ ପହଂଚିଛି । ପାକିସ୍ତାନ ଏହି ଭୂଗୋଳ ମଧ୍ୟରେ ରହିବାକୁ ଚାହୁଁଛି କି ନାହିଁ ତାହା ପୁନଃବିଚାର କରିବାକୁ ପଡିବ ବୋଲି ଭାରତୀୟ ସେନା ମୁଖ୍ୟଙ୍କ ବିବୃତିକୁ ପାକିସ୍ତାନୀ ସେନା ପକ୍ଷରୁ ତୀବ୍ର ପ୍ରତିକ୍ରିୟା ଦିଆଯାଇଛି । ଶନିବାର ବିଳମ୍ବିତ ରାତିରେ ଜାରି ହୋଇଥିବା ଏକ ବିବୃତିରେ ପାକିସ୍ତାନ ଘୋଷଣା କରିଛି ଯେ, ଯୁଦ୍ଧ ଭୟଙ୍କର ବିନାଶ ଆଣିବ ଏବଂ ପାକିସ୍ତାନ ପଛକୁ ହଟିବ ନାହିଁ । ଏହି ବୟାନବାଜି ଦକ୍ଷିଣ ଏସିଆରେ ଶାନ୍ତି ପ୍ରତି ଚିନ୍ତା ସୃଷ୍ଟି କରିଛି, କାରଣ ଦୁଇଟି ପରମାଣୁ ଅସ୍ତ୍ରଶସ୍ତ୍ର ସମ୍ପନ୍ନ ଦେଶ ପରସ୍ପରକୁ ସିଧାସଳଖ ଚେତାବନୀ ଦେଉଛନ୍ତି । ଭାରତୀୟ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ସେନା ମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀଙ୍କ ସାମ୍ପ୍ରତିକ ମନ୍ତବ୍ୟ ପରେ ଏହି ସମଗ୍ର ପ୍ରସଙ୍ଗ ଉଠିଛି । ପ୍ରତିରକ୍ଷା ମନ୍ତ୍ରୀ କହିଥିଲେ ଯେ, ଭାରତ ଏହାର ଏକତା ରକ୍ଷା ପାଇଁ ଯେକୌଣସି ସୀମା ଅତିକ୍ରମ କରିବ । 'ଅପରେସନ୍ ସିନ୍ଦୁର ୧.୦' ବିଷୟରେ ଉଲ୍ଲେଖ କରି ସେନା ମୁଖ୍ୟ କହିଥିଲେ ଯେ, ଭାରତ ଏଥର ସଂଯମତା ଅବଲମ୍ବନ କରିବ ନାହିଁ । ପାକିସ୍ତାନ ଏହି ମନ୍ତବ୍ୟଗୁଡ଼ିକୁ ଉତ୍ତେଜନାପୂର୍ଣ୍ଣ ବୋଲି କହି ଖଣ୍ଡନ କରିଛି । ପାକିସ୍ତାନ ଯୁକ୍ତି ଦେଇଛି ଯେ, ଏହା ଆକ୍ରମଣକୁ ଉସୁକା ?ଇବା ଏବଂ ବାହାନା କରିବାର ଏକ ପ୍ରୟାସ, ଯାହାର ଗମ୍ଭୀର ପରିଣାମ ହୋଇପାରେ । ପାକିସ୍ତାନୀ ସେନାର ଗଣମାଧ୍ୟମ ଶାଖା, ଆଇଏସପିଆର ଏକ ବିବୃତିରେ ଭାରତକୁ ଚେତାବନୀ ଦେଇଛି ଯେ, ଯଦି ନୂଆ ଶତ୍ରୁତା ଆରମ୍ଭ ହୁଏ ତେବେ ପାକିସ୍ତାନ ପୂର୍ଣ୍ଣ ଶକ୍ତି ସହିତ ଜବାବ ଦେବ । ଯେଉଁମାନେ ଏକ ନୂତନ ସ୍ୱାଭାବିକତା ସ୍ଥାପନ କରିବାକୁ ଚାହାନ୍ତି ସେମାନେ ଜାଣିବା ଉଚିତ୍ ଯେ, ପାକିସ୍ତାନ ପ୍ରତିକ୍ରିୟାର ଏକ ନୂତନ ସ୍ୱାଭାବିକତା ସ୍ଥାପନ କରିଛି, ଯାହା ଦ୍ରୁତ, ନିର୍ଣ୍ଣାୟକ ଏବଂ ବିନାଶକାରୀ ହେବ । ପାକିସ୍ତାନୀ ସେନା ଏହା ମଧ୍ୟ ଦାବି କରିଛି ଯେ, ଶତ୍ରୁ ଅଂଚଳର ପ୍ରତ୍ୟେକ ଅଂଚଳରେ ଆକ୍ରମଣ କରିବାକୁ ଆମେ ସକ୍ଷମ । ଭାରତୀୟ ସେନା ମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀଙ୍କ ମନ୍ତବ୍ୟ ଉପରେ ପାକିସ୍ତାନ ତାର କଡ଼ା ଜବାବ ଦେଇଛି, ଯେଉଁଥିରେ ସେ ପାକିସ୍ତାନକୁ ମାନଚିତ୍ରରେ ରହିବ କି ନାହିଁ ତାହା ବିଚାର କରିବାକୁ କହିଥିଲେ । ପାକିସ୍ତାନୀ ସେନା କହିଛି, ଯେପର୍ଯ୍ୟନ୍ତ ମାନଚିତ୍ରରୁ ପାକିସ୍ତାନକୁ ହଟାଇବା କଥା କୁହାଯାଉଛି, ଭାରତ ଜାଣିବା ଉଚିତ୍ ଯେ ଯଦି ଏପରି ପରିସ୍ଥିତି ଉପୁଜେ, ତେବେ ଉଭୟ ପାର୍ଶ୍ୱରେ ବହୁ ଅଂଚଳ ହଟିଯିବ । ଉଲ୍ଲେଖନୀୟ, ୭ ମେ'ରେ 'ଅପରେସନ୍ ସିନ୍ଦୂର'ରେ ଭାରତ ପାକ୍ ଅଧିକୃତ କଶ୍ମୀରରେ ଆତଙ୍କବାଦୀ ଆଡ୍ଡା ଉପରେ ବିମାନ ଆକ୍ରମଣ କରିଥିଲା, ଯେଉଁଥିରେ ୧୦୦ ରୁ ଅଧିକ ଆତଙ୍କବାଦୀ ନିହତ ହୋଇଥିବା ଦାବି କରାଯାଇଥିଲା ।

## ଜାପାନରେ ଶକ୍ତିଶାଳୀ ଭୂମିକମ୍ପ

ନୂଆଦିଲ୍ଲୀ,୫/୧୦ : ଜାପାନର ହୋଂସୁ ପୂର୍ବ ଉପକୂଳରେ ଶକ୍ତିଶାଳୀ ଭୂକମ୍ପ ଝଟକା ଅନୁଭୂତ ହୋଇଛି । ରିକ୍ଟର ସ୍କେଲରେ ଏହାର ତୀବ୍ରତା ୬.୦ ରେକର୍ଡ ହୋଇଛି । ସ୍ଥାନୀୟ ଅଂଚଳର ଲୋକେ ଭୟଭୀତ ଅବସ୍ଥାରେ ଥିବାବେଳେ ବର୍ତ୍ତମାନ ପର୍ଯ୍ୟନ୍ତ କ୍ଷୟକ୍ଷତି ନେଇ କୌଣସି ସୂଚନା ମିଳିନି ।

## ବଢୁଛି ମୃତ୍ୟୁସଂଖ୍ୟା :

### ଦାର୍ଜିଲିଂ ଭୂସ୍ଖଳନ ନେଲାଣି ୧୭ ଜୀବନ

କୋଲକାତା,୫/୧୦ : ପଶ୍ଚିମବଙ୍ଗର ଦାର୍ଜିଲିଂରେ ପ୍ରବଳ ବର୍ଷା ଯୋଗୁ ଭୂସ୍ଖଳନରେ ମୃତ୍ୟୁସଂଖ୍ୟା ୧୭କୁ ବୃଦ୍ଧି ପାଇଛି । ଅଧିକାରୀମାନେ କହିଛନ୍ତି ଯେ ଏହି ବିପର୍ଯ୍ୟୟ ହିମାଳୟ ରାଜ୍ୟ ସିକିମକୁ ଯୋଗାଯୋଗ ବିଚ୍ଛିନ୍ନ କରିଛି । ଦାର୍ଜିଲିଂରେ ଗତକାଲି ରାତିରେ ପ୍ରବଳ ବର୍ଷା ହୋଇ ମିରିକ ଏବଂ ସୁଖିଆ ପୋଖରୀ ଭଳି ଅଂଚଳରେ ଭୂସ୍ଖଳନ ହୋଇଥିଲା । ଏହି ବିପର୍ଯ୍ୟାୟରେ ଆନକ ଲୋକଙ୍କ ଜୀବନ ଯାଇଥିବା ବେଳେ ଅନେକ ଏବେ ବି ବିପଦ ମଧ୍ୟରେ ରହିଛନ୍ତି । ପୁଲିସ ଏବଂ ସ୍ଥାନୀୟ ପ୍ରଶାସନ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି । ଭୂସ୍ଖଳନ ଯୋଗୁ ପ୍ରମୁଖ ରାସ୍ତାଗୁଡ଼ିକ ଅବରୋଧ ହୋଇଛି । ବିଶେଷ କରି ପଶ୍ଚିମବଙ୍ଗରୁ ସିକିମ୍ ଓ ଦାର୍ଜିଲିଂରୁ ସିଲିଗୁଡ଼ିକୁ ସଂଯୋଗ କରୁଥିବା ରାସ୍ତା ଅବରୋଧ ହୋଇଛି । ଦୁର୍ଗାପୂଜା ପରେ କୋଲକାତା ଏବଂ ପଶ୍ଚିମବଙ୍ଗର ଅନ୍ୟାନ୍ୟ ଅଂଚଳରୁ ବହୁ ସଂଖ୍ୟକ ପର୍ଯ୍ୟଟକ ଦାର୍ଜିଲିଂ ଯାତ୍ରା କରନ୍ତି । ତେଣୁ ଅନେକ ପର୍ଯ୍ୟଟକ ଏହି ବିପର୍ଯ୍ୟୟରେ ଫସି ରହିଥିବାର ସମ୍ଭାବନା ରହିଛି । କୌଣସି ଅପ୍ରୀତିକର ଘଟଣା ରୋକିବା ପାଇଁ, ଗୋର୍ଖାଲ୍ୟାଣ୍ଡ ଆଂଚଳିକ ପ୍ରଶାସନ ଦାର୍ଜିଲିଂରେ ଟାଇଗର ହିଲ୍ ଏବଂ ରକ୍ ଗାର୍ଡେନ୍ ସମେତ ପର୍ଯ୍ୟଟନ ସ୍ଥଳଗୁଡ଼ିକୁ ବନ୍ଦ କରିବାକୁ ନିଷ୍ପତି ନେଇଛି । ଟୟ ଟ୍ରେନ୍ ସେବା ମଧ୍ୟ ବନ୍ଦ କରାଯାଇଛି । ସ୍ଥାନୀୟ



କର୍ତ୍ତୃପକ୍ଷ ବାସିନ୍ଦା ଏବଂ ପର୍ଯ୍ୟଟକମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦେବା ସହ ଦାର୍ଜିଲିଂ ସାଂସଦ ରାଜୁ ବିଷ୍ଟ ପ୍ରବଳ ବର୍ଷା ଯୋଗୁ ହୋଇଥିବା ବ୍ୟାପକ କ୍ଷୟକ୍ଷତି ଉପରେ ଚିନ୍ତା ପ୍ରକାଶ କରିଛନ୍ତି ।



କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122



ହରିଚନ୍ଦନପୁର ହାଇସ୍କୁଲ ଖେଳପଡ଼ିଆରେ ମା' ତାରିଣୀ ୟୁଥ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଷଷ୍ଠ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ, ହାତୀନୋଟା ଚାମ୍ପିଅନ୍

# ଉଖୁଣ୍ଡାରେ ରାବଣ ପୋଡ଼ି ଉତ୍ସବ ଅନୁଷ୍ଠିତ

ଚମ୍ପୁଆ,୫/୧୦(ନି/ପ୍ର): ଚମ୍ପୁଆ ଉପଖଣ୍ଡସ୍ଥ ଉଖୁଣ୍ଡା ଠାରେ ରହିଥିବା ବୃହତ ଶାନ୍ତି କମିଟି ଦୁର୍ଗା ପୂଜା ସମେତ ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମା'ଙ୍କ ପୂଜା ଷଷ୍ଠି ଠାରୁ ଆରମ୍ଭ କରି ଦଶମୀ ପର୍ଯ୍ୟନ୍ତ ଚାଲିଥିଲା ଦଶମୀ ଦିନ ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉଖୁଣ୍ଡା ଠାରେ ରହିଥିବା ବୃହତ ଶାନ୍ତି କମିଟି ର ସଭାପତି ନାରାୟଣ ସାହୁଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଉଖୁଣ୍ଡା ହାଇସ୍କୁଲ ପଡ଼ିଆରେ ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗଦାନ କରିଥିବାବେଳେ ସମ୍ମାନୀତ ଅତିଥି ଭାବେ କଂଗ୍ରେସର ସାଂସଦ ପ୍ରାର୍ଥୀ ଙ୍କ ବିନୋଦ ବିହାରୀ ନାଏକଙ୍କ ସମେତ ୧୮ ନମ୍ବର ଜିଲା ପରିଷଦ ସଭ୍ୟ ରାଧାକାନ୍ତ ନାୟକ, ରମାକାନ୍ତ ବାରିକ, ଡା ସଞ୍ଜିବ ଘଣା, ଭାସ୍କର ପରିଡା, ଡମ୍ବରୁ ମହାନ୍ତ ପ୍ରମୁଖ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମରେ ଯୋଗଦାନ କରିଥିବା ଅତିଥିମାନେ ତାଙ୍କ ବକ୍ତବ୍ୟରେ ରାବଣ ପୋଡି କାହିଁକି ପାଳନ କରାଯାଏ, କେବେ ଠାରୁ ପାଳିତ ହୋଇଆସୁଛି ସେ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋକ ପାତ୍ର କରିଥିଲେ । ପୂଜା କମିଟି ତରଫରୁ ଦୁଇଦିନ ଧରି ସ୍ଥାନୀୟ ନୃତ୍ୟଶିଳ୍ପୀମାନଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ନୃତ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଲାଭ କରିଥିବା ପ୍ରତିଯୋଗୀମାନଙ୍କୁ ରାବଣ ପୋଡି ଉତ୍ସବରେ ଯୋଗଦାନ କରିଥିବା ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ମୁଖ୍ୟଅତିଥି ପାଟଣା ବିଧାୟକ ଶ୍ରୀ ନାଏକ ଅଗ୍ନି ସଂଯୋଗ କରି ରାବଣକୁ ବଧ କରିଥିଲେ । ରାବଣ ପୋଡି ଉତ୍ସବରେ ଶାନ୍ତି ଶୃଙ୍ଖଳା ରକ୍ଷାକରିବା ପାଇଁ ବାରିଆ ପୁଲିସ ନିୟୋଜିତ ହୋଇଥିବା ଦେଖିବାକୁ ମିଳିଥିଲା ।

# ଘୁଂଟିଝରି-ରାମଚନ୍ଦ୍ରପୁରରେ ଶାରଦୀୟ ଦୁର୍ଗାପୂଜା

କେନ୍ଦୁଝର,୫/୧୦(ନି/ପ୍ର): ଘଟଗାଁ ବ୍ଲକ ଅଧୀନ ମୁକ୍ତାପୁର ପଂଚାୟତ ର ଘଂଟ ଝରି ଓ ରାମଚନ୍ଦ୍ରପୁରର ମହାଦେବ ମନ୍ଦିର ପଡିଆ ରେ ପ୍ରଥମ ବାର୍ଷିକ ଶାରଦୀୟ ଦୁର୍ଗାପୂଜା, ଖୁବ ଧୁମ ଧାମ ରେ ଉକ୍ତ ଗ୍ରାମର ବାସିନ୍ଦା ପାଳନ କରିଛନ୍ତି ମାଙ୍କ ମଣ୍ଡପ ରେ ମୃଣ୍ମୟୀ ଦେବୀ ଙ୍କ ପୂଜା କର୍ମ କାଣ୍ଡ ବ୍ରାହ୍ମଣ, ମନୋଜ କୁମାର ମିଶ୍ର ଓକର୍ନ୍ଧା, ପ୍ରେମାନନ୍ଦ ନାୟକ ସରକାର, କାଂଚନବାଳା ନିଷ୍ଠା ର ସହ ସମ୍ପାଦନ କରି ନବରାତ୍ର ପାଳନ ହୋଇ, କମିଟି ର ସଭ୍ୟ ଓ ସଭ୍ୟା ଯୋଗ ଦେଇ ଥିଲେ,ଦେବୀ ଙ୍କମଣ୍ଡପରେ ବ୍ରତ, ହୋମ, ଯଜ୍ଞ, ଆଳତୀ, ଆରତୀ, ଭକ୍ତ ଙ୍କ ସାଧାରଣ ଦର୍ଶନ ଓ ପୂଜାରେ ଆଖପାଖ ଗ୍ରାମ ମୁକ୍ତାପୁର, ମୁଦ୍ରାବେଡା, ଧନୁର୍ଯ୍ୟୟପୁର, ଭୋଳବେଡା, ଡଳଙ୍ଗପାଣି ଆଦି ଗ୍ରାମର ଭକ୍ତ ଙ୍କ ସମାଗମ ହୋଇ ଥିଲା, ପୂଜା ରେ ଭକ୍ତ ଙ୍କ ପାଇଁ ସୁ ବନ୍ଦୋବସ୍ତ କରି ପ୍ରସାଦ ବିତରଣ କରା ଯାଇଥିଲା, କମିଟି ର ସଦସ୍ୟ, ଅଜୟ ହାତୀ, ଲମ୍ବୋଦର ହାତୀ ଲକ୍ଷ୍ମଣ ମୁଣ୍ଡା, ଯୁଧିଷ୍ଠିର ମହାକୁଡ଼, ଶତ୍ରୁଘନ ସେନାପତି କରୁଣାକର ମହାନ୍ତ କୈଳାଶ ମହାନ୍ତ, ଟିକି ନାୟକ, ଏସ ନାୟକ, ବୁଲୁ ହାତୀ ଭାଗବତ ନାୟକ, ତପନ ଦେବ, କ୍ଷୀର ନାୟକ, ବିବେକା ନାୟକ ପ୍ରମୁଖ ସମସ୍ତେ, ସହଯୋଗ କରି ଥିଲେ ଶୁକ୍ରବାର ମା ଦୁର୍ଗା ଙ୍କ ଭସାଣି କରାଯାଇଛି ।

### ଭଙ୍ଗା କୁଡ଼ିଆ ଘର ବାରଣ୍ଡାରେ ଚାଲିଛି ଅଙ୍ଗନବାଡି

ଘଟଗାଁ, ୫/୧୦: ସ୍ଥାନୀୟ ବ୍ଲକର ଗର୍ଭବତୀ ପ୍ରସୂତି ମହିଳା ଓ ଶିଶ ମାନଙ୍କ ସ୍ୱାସ୍ଥ୍ୟ ସହିତ ପ୍ରାକ ଶିକ୍ଷାର ବିକାଶ ଉଦେଶ୍ୟରେ ସମନ୍ୱିତ ଶିଶୁ ବିକାଶ ଯୋଜନା ୧୯୮୬ ମସିହାରେ କାର୍ଯ୍ୟକାରୀ ହୋଇଛି । ଦୀର୍ଘ ୩୮ବର୍ଷ ବିତିଯାଇଥିଲେ ମଧ୍ୟ ଭଙ୍ଗା କୁଡ଼ିଆ ଘର ବାରଣ୍ଡାରେ ଅଙ୍ଗନବାଡିକେନ୍ଦ୍ରଚାଲିଥିବା ଦେଖିବାକୁ ମିଳିଛି ତରାଗ୍ରାମ ପଂଚାୟତ ଅଧିନସ୍ଥ ବେଢାପାଳ ଗ୍ରାମରେ ।

# ଚମ୍ପୁଆ ଉପ ଡାକଘରୁ ଚୋରି

କେନ୍ଦୁଝର,୫/୧୦(ନି/ପ୍ର): କେନ୍ଦୁଝର ଜିଲ୍ଲାର ଚମ୍ପୁଆ ଥାନା ଅନ୍ତର୍ଗତ ଚମ୍ପୁଆ ଉପ ଡାକଘରେ କଳାକନା ବୁଲାଇଲେ ଦୁର୍ବୃତ । ସୂଚନା ଅନୁଯାୟୀ, ଗତରାତି କେନ୍ଦୁଝର ଜିଲ୍ଲା ଚମ୍ପୁଆ ଥାନା ଅନ୍ତର୍ଗତ ଚମ୍ପୁଆ ଥାନା ସମ୍ମୁଖରେ ଥିବା ଉପଡାକଘରୁ ଚୋରୀ ହେଇଛି । ଡାକଘର ପଛପଟ କବାଟର ତାଲା ଭାଙ୍ଗି ଚୋରୀ ହୋଇଥିବା ନେଇ ଆଜି ସକାଳୁ ଡାକଘର କର୍ମଚାରୀ ଦେଖିବାକୁ ପାଇଥିଲେ । ଚୋରମାନେ ଡାକଘର ପଛପଟ କବାଟ ତାଲା ଭାଙ୍ଗି ଚୋରୀ କରିବା ନେଇ ପୋଷ୍ଟ ମାଷ୍ଟରଙ୍କୁ ସୂଚନା ମିଳିବା ପରେ ଏନେଇ ଚମ୍ପୁଆ ଥାନାରେ ଅଭିଯୋଗ କରିଛନ୍ତି ପୋଷ୍ଟମାଷ୍ଟର ତପସ୍ୱୀନୀ ପାତ୍ର । ଅଭିଯୋଗ ପାଇ ଚମ୍ପୁଆ ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି । ଡାକଘର ତାଲା ଭାଙ୍ଗି ଚୋରମାନେ ଭିତରେ ଥିବା ଆଲମାରୀ ଓ ପୋଷ୍ଟ ମାଷ୍ଟରଙ୍କ ବାକ୍ସ ଭାଙ୍ଗି ନଗଦ ଟଙ୍କା ଚୋରୀ କରିଛନ୍ତି । ଡାକଘର ଭିତର ଟ୍ରେଜେରୀ ଭାଙ୍ଗିବାକୁ ମଧ୍ୟ ଚେଷ୍ଟା କରିଥିଲେ ସୁଦ୍ଧା ଟ୍ରେଜେରୀ ଭାଙ୍ଗିବାରେ ବିଫଳ ହେଇଥିବା ବେଳେ ଚୋରମାନେ ଯିବା ବେଳେ ଡାକଘର ସିସିଟିଭି ର ହାର୍ଡଡିସ୍କ ନେଇଯାଇଥିବା ଜଣାପଡିଛି । ଏଯାଏଁ ଚୋରୀ ସମ୍ପର୍କରେ ସବିଶେଷ ତଥ୍ୟ ମିଳିପାରିନାହିଁ । ତେବେ ପୋଲିସ ସାଇଂଟିଫିକ୍ ଟିମ୍ ର ସହାୟତା ନେଇଥିବା ବେଳେ ଟିମ୍ ପହଂଚିବା ପରେ ଚୋରୀ ସମ୍ପର୍କରେ ସବିଶେଷ ସୂଚନା ମିଳିପାରିବ ବୋଲି ଜଣାପଡିଛି ।

# ଶୋଇଥିବା ସମୟରେ ଟାଙ୍ଗିଆରେ ହାଣି ହତ୍ୟା

ପାଟଣା,୫/୧୦(ନି/ପ୍ର):ଘର ବାରଣ୍ଡାରେ ଶୋଇଥିବା ଅବସ୍ଥାରେ ଜଣଙ୍କ ମୁଣ୍ଡ କୁ ଟାଙ୍ଗିଆ ରେ ହାଣି ହତ୍ୟା । କେନ୍ଦୁଝର ଘଟଗାଁ ଥାନା ଅଂଚଳରେ ଏହି ଘଟଣା ଘଟିଛି । ସୂଚନା ଅନୁଯାୟୀ ଘଟଗାଁ ଥାନା ଢେଙ୍କିକୋଟ ବିଟ ହାଉସ ଅନ୍ତର୍ଗତ ମେଦିନିପୁର ଗ୍ରାମର ଭଦୃ ମହାକୁଡ଼ (୫୫)ନିଜ ଘର ବାରଣ୍ଡାରେ ଶୋଇଥିବା ବେଳେ ଗୁରୁବାର ବିଳମ୍ବିତ ରାତି ୩ ଟା ରୁ ୪ ଟା ମଧ୍ୟରେ ଏହି ହତ୍ୟାକାଣ୍ଡ ହୋଇଥିଲା । ଖବର ପାଇ ଘଟଗାଁ ଏସଡିପିଓ ବିଜୟ କୃଷ୍ଣ ମହାପାତ୍ର, ଘଟଗାଁ ଥାନାଧିକାରୀ ଶୁଭ୍ରାନ୍ତ କୁମାର ଜେନା, ଏସ ଆଇ ପ୍ରଶାନ୍ତ କୁମାର ବେହେରା ଓ ଜନନୀ ମୁର୍ମୁ , ଢେଙ୍କିକୋଟ ଫାଣ୍ଡି ଅଧିକାରୀ ତ୍ରିନାଥ ନାଏକ ଙ୍କ ସହ ପୁଲିସ ଟିମ ଘଟଣା ସ୍ଥଳରେ ପହଚିଂ ତଦନ୍ତ ଆରମ୍ଭ କରିଥିଲେ । ଅଧିକ ତଦନ୍ତ ପାଇଁ ସାଇଟିଂଫିକ ଟିମ ଡକାଯାଇଥିଲା । ହତ୍ୟାର ଶିକାର ହୋଇଥିବା ଭଦୃ ମହାକୁଡ଼ ଙ୍କ ପଡୋଶୀ ଗହ୍ଣା ମହାକୁଡ଼(୫୮) ଏହି ହତ୍ୟାକାଣ୍ଡ ର ଆସାମୀ ବୋଲି ତଦନ୍ତରୁ ଜଣାପଡିଛି । ତାଙ୍କ ପତ୍ନୀଙ୍କ ସହ ଭଦୃଙ୍କ ର ଅନୈତିକ ସମ୍ପର୍କ ଥିବା ସେ ସନ୍ଦେହ କରୁଥିବାରୁ ହତ୍ୟାକାଣ୍ଡ ଭିଆଇଛନ୍ତି । ସୂଚନାଯୋଗ୍ୟ ଯେ ଭଦୃଙ୍କର ପୂର୍ବରୁ ପତ୍ନୀ ବିୟୋଗ ଘଟିଥିବା ବେଳେ ଝିଅ ବାହା ହୋଇ ସାରିଥିବା ଓ ପୁଅ ଦିଲ୍ଲୀ ରେ ଚାକିରୀ କରୁଥିବାରୁ ସେ ଘରେ ଏକୁଟିଆ ରହିଥିଲେ । ଗିରଫ ହୋଇଥିବା ଗହ୍ଣା ମହାକୁଡ଼ ଙ୍କ ଠାରୁ ହତ୍ୟା ରେ ବ୍ୟବହୃତ ରକ୍ତ ଭିଜା ପୋଷାକ ଓ ଟାଙ୍ଗିଆ ପୁଲିସ ଜବତ କରିଛି । ଏନେଇ ଘଟଗାଁ ଥାନା କେସ ନମ୍ବର୍ ୪୩୭/୨୦୨୫ ମୂଳେ ଏସ ଆଇ ପ୍ରଶାନ୍ତ ବେହେରା ଘଟଣାର ତଦନ୍ତକାରୀ ଅଧିକାରୀ ଅଛନ୍ତି ।



କେନ୍ଦୁଝର ପୁରୁଣା ବଜାରର ସାର୍ବଜନୀନ ଶ୍ରୀ ଦୁର୍ଗାଉତ୍ସବ

# ଐତିହାସିକ ପାରମ୍ପରିକ ଦଶହରା ବଦଳ ଯାତ୍ରା ଶେଷ : ଅଶ୍ରୁଳ ନୟନରେ ମା ଦୁର୍ଗାଙ୍କୁ ବିଦାୟ ଦେଲେ ଭୁବନବାସୀ

ଭୁବନ,୫/୧୦(ନି.ପ୍ର): ଢ଼େଙ୍କାନାଳ ଜିଲ୍ଲା ଭୁବନରେ ଐତିହାସିକ ପାରମ୍ପରିକ ତଥା ପ୍ରସିଦ୍ଧ ଦଶହରା ବଳଦ ଯାତ୍ରା ଶାନ୍ତି ଶୃଙ୍ଖଳା ସହ ଶେଷ ହୋଇଥିବା ବେଳେ ମା ଦୁର୍ଗାଙ୍କୁ ଅଶ୍ରୁଳ ନୟନରେ ବିଦାୟ ଦେଇ ପୁଣି ଆସନ୍ତା ବର୍ଷକୁ ଅପେକ୍ଷା ବର୍ଷକୁ ଅପେକ୍ଷା କରିଛନ୍ତି ଭୁବନବାସୀ । ବିଜୟା ଦଶମୀ ସନ୍ଧ୍ୟାରେ ଜଗନ୍ନାଥ ମନ୍ଦିରରୁ ଆରମ୍ଭ ହେଇଥିଲା ଐତିହାସିକ ତଥା ପାରମ୍ପରିକ ବଦଳ ଯାତ୍ରା । ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବଳଦ ଯାତ୍ରା ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ ବଳଦ ଯାତ୍ରା ମୁଖ୍ୟ ପରିଚାଳକ ଦିଲ୍ଲୀପ କୁମାର ଦାସ, ପୂର୍ବତନ ନଗରପାଳ ଶୁଭେନ୍ଦୁ କୁମାର ସାହୁ, ଏନ୍ ଏ ସି ନିର୍ବାହୀ ଅଧିକାରୀ ପ୍ରଦତ ସାହୁ,ଏସ ଡି ପି ଓ ରଜନୀ କାନ୍ତ ସାମଲ, ଥାନାଧିକାରୀ ଜିତେନ୍ଦ୍ର ମଲ୍ଲିକ ଯୋଗଦେଇଥିଲେ । ଅତିଥିଙ୍କ ସହ ଶାନ୍ତି କମିଟି ର ସମସ୍ତ ସଭ୍ୟଙ୍କୁ ଉତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ବଳଦ ଯାତ୍ରାର ସ୍ରଷ୍ଟା ଥୋରିଆ ସମାଜ ତରଫରୁ ରୀତିନୀତି ଅନୁଯାୟୀ ବଳଦ ଯାତ୍ରା ଅନୁକୂଳ କରିଥିଲା । ସମୁଦାୟ ୩୧ଟି ବଳଦ ଓ ଦୁଇଟି ଷଣ୍ଢ ଗୁଜୁରୀ ହାଟରୁ ଯାତ୍ରା ଆରମ୍ଭ କରି ସହର ପରିକ୍ରମା କରିଥିଲେ । ଏକାଦଶୀ ସନ୍ଧ୍ୟାରେ ପାଲା ମଣ୍ଡପ ଠାରେ ଚିତାକର୍ଷକ ରାବଣ ପୋଡ଼ି ଓ ଆତସବାଜି ମହୋତ୍ସବ ଅନୁଷ୍ଠିତ ହୋଇଥିଲା । କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ନଗରପାଳ ଶ୍ରୀମତୀ ମାନିନୀ ସାହୁ, ବଳଦ ଯାତ୍ରା ମୁଖ୍ୟ ଦିଲ୍ଲୀପ ଦାସ, ନାରୀନେତ୍ରୀ ଶ୍ରୀମତୀ ସାଗରିକା ମିଶ୍ର, ବିଜେପି ନେତା ଅରୁଣ ନାୟକ, ଏସ ଡି ପି ଓ ରଜନୀ କାନ୍ତ ସାମଲ ଯୋଗଦେଇଥିଲ । ରାତ୍ର ୮ଟା ସମୟରେ ଆରମ୍ଭ ହୋଇଥିଲା ପ୍ରସିଦ୍ଧ ଦଶହରା ବଳଦ ଯାତ୍ରାର ଅନ୍ତିମ ପର୍ବ ତଥା ମା ଦୁର୍ଗା ଙ୍କ ଭସାଣି ଶୋଭାଯାତ୍ରା । ଏଥିରେ ସମୁଦାୟ ୩୦ ଟି ବଳଦ,୨ ଟି ଷଣ୍ଢ,୧୧ ଟି ଦୁର୍ଗା ମେଢ଼ ଓ ୨ ଟି ହର ପାର୍ବତୀ ମେଢ଼ ସାମିଲ ହୋଇଥିଲେ । ପାରମ୍ପରିକ ବାଦ୍ୟ, ଲୋକ ନୃତ୍ୟ ଓ ଡିଜେ ସାଉଣ୍ଡ ର ତାଳେ ତାଳେ ଯୁବ ଗୋଷ୍ଠୀ ମତୁଆଲା ନୃତ୍ୟ କରିଥିଲେ । ପୂର୍ବାହ୍ନ ୧୦ଟା ସୁଦ୍ଧା ସମସ୍ତ ମେଢ଼ ନୂଆ ବଜାରରେ ପହଂଚିବା ପରେ ମେଳଣ ଅନୁଷ୍ଠିତ ହୋଇଥିଲା । ହରିବୋଲ ହୁଳହୁଳି ଘଂଟ ଘଂଟା ଧ୍ୱନୀରେ ସମଗ୍ର ପରିବେଶ ପ୍ରକମ୍ପିତ ହୋଇପଡ଼ିଥିଲା ।

# ପୁଲିସ ସୂଚନାଦାତା ଦର୍ଶାଇ ଗ୍ରାମବାସୀଙ୍କୁ ହତ୍ୟା



ମାଲକାନଗିରି,୫/୧୦(ନି/ପ୍ର): ସୀମାନ୍ତ ଛତିଶଗଡର ସୁକମା ଜିଲ୍ଲାରେ ପୁଣି ନକ୍ସଲ ହିଂସା ଦେଖିବାକୁ ମିଳିଛି । ପୁଲିସ ସୂଚନାଦାତା ଦର୍ଶାଇ ଜଣେ ଗ୍ରାମବାସୀଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି ନକ୍ସଲ । ଗତକାଲି ରାତିରେ ସଶସ୍ତ୍ର ନକ୍ସଲ କିଷ୍ଟରାମ ଥାନା ଅନ୍ତର୍ଗତ ସଲାତୋଙ୍ଗ ଗ୍ରାମରେ ପହଚିଂ ଥିଲେ । ଗ୍ରାମର ରବା ସୋନାଙ୍କୁ ଖୋଜିଥିଲେ । ଗ୍ରାମବାସୀ ନକ୍ସଲଙ୍କୁ ଅଟକାଇବାକୁ ବହୁ ଚେଷ୍ଟା କରିଥିଲେ । କିନ୍ତୁ ରବା ସୋନା ଘରକୁ ଯାଇ ତାକୁ ଘରୁ ଟାଣି ଆମି ଲାଠି ଏବଂ ଠେଙ୍ଗାରେ ନିସ୍ଥୁକ ମାଡ ମାରିଥିଲେ । ଗ୍ରାମବାସୀ ଏବଂ ପରିବାର ଲୋକଙ୍କ କାକୁତିମିନତି ସତ୍ୱେ ନକ୍ସଲ କିଛି ଶୁଣିନଥିଲେ । ପରେ ଜଂଗଲକୁ ନେଇ ଅତି ନିର୍ମମ ଭାବେ ହତ୍ୟା କରିଥିଲେ । ପୁଲିସ ସୂଚନାଦାତା ଦର୍ଶାଇ ନକ୍ସଲ ନିରୀହ ଗ୍ରାମବାସୀଙ୍କୁ ଟାର୍ଗେଟ ଆରମ୍ଭ କରିଦେଇଛନ୍ତି । ପରିବାର ଲୋକେ ସକାଳୁ ଶବ ନିକଟରେ ପହଚିଂ ପୁଲିସକୁ ସୂଚନା ଦେଇଥିଲେ । ପୁଲିସ ଘଟଣାସ୍ଥଳରେ ପହଚିଂ ତଦନ୍ତ ଆରମ୍ଭ କରିଛି । ପୁଲିସର ଲଗାତାର ଚଢାଉରେ ନକ୍ସଲ ଏବେ ଘାଇଲା ବାଘ ଭଳି ରହିଛନ୍ତି । ତେଣୁ ପୁଲିସର ରାଗ ଏବେ ନିରୀହ ଜନତାଙ୍କୁ ସୁଝାଉଥିବା କୁହାଯାଇଛି ।

# ଜିଲ୍ଲା ହାବିଲଦାର ଓ କନେଷ୍ଟବଳ ସଂଘର ନୂତନ ବୈଠକ ଗୃହର ଶିଳାନ୍ୟାସ

କୋରାଇ,୫/୧୦(ନି/ପ୍ର): ଯାଜପୁର ସାଂସଦ ଓ କୋରାଇ ବିଧାୟକଙ୍କ ପାଣ୍ଠିରୁ ଅନୁଦାନ ପାପ୍ତ ଯାଜପୁର ଜିଲ୍ଲା ପୁଲିସରେ କାର୍ଯ୍ୟରତ ହାବିଲଦାର ଓ କନେଷ୍ଟବଳ ସଂଘର କର୍ମଚାରୀମାନଙ୍କ ନିମନ୍ତେ ଯାଜପୁର ସାଂସଦ ଓ କୋରାଇ ବିଧାୟକଙ୍କ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ବିନିମୟରେ ନିର୍ମିତ ହେବାକୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ଏକ ନୂତନ ଚିତ ବିନୋଦନ ଗୃହର ଶିଳାନ୍ୟାଶ ହୋଇଯାଇଛି । ଯାଜପୁର ଆରକ୍ଷୀ ଅଧିକ୍ଷକ ଯଶ ପ୍ରତାପ ଶ୍ରୀମଲଙ୍କ ଅଧକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଯାଜପୁର ସାଂସଦ ରବିନ୍ଦ୍ର ନାରାୟଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନୀତ ଅତିଥି ଭାବେ କୋରାଇର ବିଧାୟକ ଆକାଶ ଦାସନାୟକ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ସାଂସଦଙ୍କ କୋରାଇ ପ୍ରତିନିଧି ପ୍ରମୋଦ କୁମାର ସାହୁ, ମଣ୍ଡଳ ସଭାପତି ଭାସ୍କର ଚନ୍ଦ୍ର ସାହୁ, କୋରାଇ ନିର୍ବାଚନ ମଣ୍ଡଳୀର ନିର୍ବାଚନ ପରିଚାଳକ ଶେଖ ଜହର ଅଲ୍ଲୀ, ଅଶୋକ ବାରିକ, ନାରୀ ନେତ୍ରୀ ଜୟନ୍ତୀ ସାହୁ, ଦୀପ୍ତିମୟୀ କୁଅଁର, ସୂର୍ଯ୍ୟମଣି ପଣ୍ଡା, ଚିତରଂଜନ ସାହୁ, ଯୁବନେତା ହରେକୃଷ୍ଣ ସାହୁ, ଅଶୋକ କୁମାର ଦାସ, ଗୋଳେଇପୁର ସରପଂଚ ସସ୍ମିତା ମାଝୀ, ହାବିଲଦାର ଓ କନେଷ୍ଟବଳ ମହାସଂଘର ସଭାପତି ଦିଲ୍ଲିପ କୁମାର ଦାସଙ୍କ ସମେତ ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ ।

# ପ୍ରମିଳାଙ୍କ ପାଇଁ ଆବାସ ଯୋଜନା ଅପହଂଚ : ବରଡ଼ା ଛପର ଭଙ୍ଗା ଘରେ କଟୁଛି ଦିନ



ବଅଁରପାଳ,୫/୧୦(ନି/ପ୍ର): ଅନୁଗୁଳଜିଲ୍ଲା ବଅଁରପାଳରେ ଗରିବ ନିରୀହ ଲୋକଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ବିଭିନ୍ନ ଯୋଜନା ପ୍ରଣୟନ କରାଯାଉଛି । ମାତ୍ର ପ୍ରକୃତ ହିତାଧିକାରୀ ଉକ୍ତ ଯୋଜନା ପାଇବାରୁ ବଂଚିତ ହେଉଥିବା ଦେଖିବାକୁ ମିଳିଛି । ଏହାର ଜ୍ୱଳନ୍ତ ଉଦାହରଣ ବଅଁରପାଳ ବ୍ଲକ୍ । ତୁଳସୀପାଳ ପଚାଂୟତର ୧୩ ୱାର୍ଡ କର୍କିନୀଳ ସାହିରେ ଦେଖିବାକୁ ମିଳିଛି । ଗତ ଦୁଇଦିନ ଧରି ହୋଇଥିବା ଲଗାଣ ବର୍ଷାରେ ପ୍ରମିଳା ନାଏକଙ୍କ ବରଡ଼ା ଛପର ଝାଟିମାଟି ଘରଟି ବର୍ଷା ପାଣିରେ ଓଦା ହୋଇ ମାଟିକାନ୍ଥଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି । ଯାହାକି ସେମାନେ ପିଣ୍ଡାରେ ଲୁଗା ଡାଙ୍କି ଆଶ୍ରୟ ନେଇ ଜୀବନ ବିତାଉଛନ୍ତି । ନୂଆହତା ରାଜସ୍ୱ ନିରୀକ୍ଷକ ଘର ପରିଦର୍ଶନ କରି ଫେରିଥିବାବେଳେ ପ୍ରମିଳାଙ୍କୁ ପଲିଥିନ ଖଣ୍ଡିଏ ମିଳିପାରି ନାହିଁ । ପ୍ରମିଳାଙ୍କ ବୟସ ୩୫ ଓ ସ୍ୱାମୀ ସୁଶୀଲ ନାଏକ ଜଣେ ଦିନ ମଜୁରିଆ ଭାବେ କାମ କରି ଘର ଚଳାନ୍ତି । ଘର ଖଣ୍ଡିଏ କରିବାକୁ ସାହସ ଜୁଟାଇ ପାରୁନାହାନ୍ତି ସୁଶୀଲ । ସରକାରଙ୍କ ପାଖରୁ କେବଳ ରାସନ ଚାଉଳ ମିଳିବା ଛଡା ଆଉ କୌଣସି ସୁବିଧା ମିଳୁନାହିଁ । ଘରେ ଗୋଟିଏ ପୁଅ ଓ ୩ ଜଣ ଝିଅ ସେହି ରୋଜଗାର ଚଳନ୍ତି । ନିଜ ନାମରେ ପଟ୍ଟା ଖଣ୍ଡିଏ ନାହିଁ । ସରକାରଙ୍କ ତରଫରୁ ଭୂମିହୀନଙ୍କୁ ପଟ୍ଟା ମିଳୁଥିବାବେଳେ ତାଙ୍କୁ ଆଜି ପର୍ଯ୍ୟନ୍ତ ପଟ୍ଟା ଖଣ୍ଡିଏ ମିଳିପାରିନାହିଁ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି ଘର ଖଣ୍ଡିଏ ଦେବା ପାଇଁ ପ୍ରମିଳା ନିବେଦନ କରିଛନ୍ତି ।

### ନିଖୋଜ ମହିଳାଙ୍କ ଶବ ନଦୀରୁ ଉଦ୍ଧାର

ଭଦ୍ରକ,୫/୧୦(ନି/ପ୍ର): ଭଦ୍ରକ ଜିଲା ଧାମନଗର ବ୍ଲକ ଅନ୍ତର୍ଗତ ଭଗବାନପୁର ପଂଚାୟତ ଇଛଦା ଗ୍ରାମର ସରସ୍ୱତୀ ସାହୁଙ୍କ ( ୭୬) ମୃତ ଦେହ ଆଜି ଧାମନଗର ପୋଲିସ ଓ ଦମକଳ ବାହିନୀ ଙ୍କ ମିଳିତ ସହଯୋଗରେ ଉଦ୍ଧାର କରାଯାଇଛି । ସୂଚନାଯୋଗ୍ୟ ଯେ ଗତ ତିନି ଦିନ ହେବ ସରସ୍ୱତୀ ନିଖୋଜ ହୋଇଯାଇଥିଲେ ପରିବାର ଲୋକେ ବହୁ ଖୋଜା ଖୋଜି କରିଥିଲେ । ଶନିବାର ଇଛଦା ଗ୍ରାମର ସୁତାର ସାହି ଠାରେ ରେବ ନଦୀ କୂଳରେ ଏକ ଶବ ଭାସୁଥିବାର ସ୍ଥାନୀୟ ଲୋକେ ଧାମନଗର ଥାନା କୁ ଖବର ଦେଇ ଥିଲେ । ଧାମନଗର ପୁଲିସ ଓ ଦମକଳ ବାହିନୀ ଘଟଣା ସ୍ଥଳ ରେ ପହଂଚି ସବ ଉଦ୍ଧାର କରିଥିଲେ । ଧାମନଗର ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ।

ଉତ୍କଳ ସମାଚାର

# ସମ୍ପାଦକୀୟ...

**ସୋମବାର ୬ ଅକ୍ଟୋବର ୨୦୨୫**

## ସୁସ୍ଥ ସମାଜ ପାଇଁ ମନୁଷ୍ୟର ଅଧିକାର

ଭଗବାନଙ୍କ ସୃଷ୍ଟିରେ ମଣିଷ ଶ୍ରେଷ୍ଠ ପ୍ରାଣୀ। ସମଗ୍ର ବିଶ୍ୱରେ ଏକ ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଭାରତ ପରିଚିତ। ଦିନକୁ ଦିନ ଭାରତ ବିଶ୍ୱ ଶକ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପହଞ୍ଚିଥିବାବେଳେ ଭାରତର ନ୍ୟାୟ ପାଳିକା ମଧ୍ୟ ଅତ୍ୟନ୍ତ ସୁଦୃଢ଼। ନିକଟରେ ସୁପ୍ରିମ କୋର୍ଟର ପ୍ରଧାନ ବିଚାରପତି ତାଙ୍କ ବିଦାୟୀ ଭାଷଣରେ ଯାହା ଉଲ୍ଲେଖ ରଖିଛନ୍ତି ତାହା ଅତ୍ୟନ୍ତ ଭାବପୂର୍ଣ୍ଣ ଓ ହୃଦୟସ୍ପର୍ଶୀ। ବାସ୍ତବରେ ଅଭାବୀଙ୍କ ସେବା ଠାରୁ କିଛି ବଡ଼ ନାହିଁ। ସୁସ୍ଥ ସମାଜରେ ବଞ୍ଚିବା ପାଇଁ ପ୍ରତିଟି ମଣିଷର ସମ୍ବିଧାନ ପ୍ରଦତ୍ତ ନୀତିଗତ ଅଧିକାର ରହିଛି। ଆସନ୍ତୁ ଏହି ଅଧିକାର ସମ୍ପର୍କିତ ଛୋଟିଆ ଆଲୋଚନାଟି ରଖିବା। ସ୍ୱାଧୀନତା, ସମାନତା ଓ ସୁରକ୍ଷାର ଅଧିକାର : ଦୁନିଆର ପ୍ରତି ବ୍ୟକ୍ତି ସମ୍ମାନ ଓ ଅଧିକାର ମାମଲାରେ ସ୍ୱାଧୀନ ଓ ସମାନ। ପ୍ରତ୍ୟେକ ବ୍ୟକ୍ତିଙ୍କୁ କୌଣସି ଭେଦଭାବ ବିନା ସମସ୍ତ ଅଧିକାର ଓ ସ୍ୱାଧୀନତା ଦିଆଯାଇଛି। ଏଥିରେ ଜାତି, ବର୍ଣ୍ଣ, ଲିଙ୍ଗ, ଭାଷା, ଧର୍ମ, ରାଜନୈତିକ ବିଚାର, ରାଷ୍ଟ୍ରୀୟତା, ସମ୍ପତ୍ତି, ସମାଜ ଆଦି ବିଷୟକୁ ନେଇ କୌଣସି ଭେଦଭାବ କରିହେବନାହିଁ। ପ୍ରତି ମନୁଷ୍ୟର ଜୀବନ, ସ୍ୱାଧୀନତା ଓ ସୁରକ୍ଷାର ଅଧିକାର ଅଛି। ଆଇନ ଆଗରେ ସମସ୍ତେ ସମାନ। ପ୍ରତ୍ୟେକ ବ୍ୟକ୍ତିର ସୁରକ୍ଷାର ସମାନ ଅଧିକାର ଅଛି। ପ୍ରତାଡ଼ନା ଓ କ୍ରୁରତାରୁ ସ୍ୱାଧୀନତାର ଅଧିକାର : ପ୍ରତି ବ୍ୟକ୍ତିର ଯନ୍ତ୍ରଣା ପ୍ରତାଡ଼ନା ଓ କ୍ରୁରତାରୁ ମୁକ୍ତ ହେବାର ଅଧିକାର ରହିଛି। ଦୁନିଆର ଯେ କୌଣସି ଅଂଶରେ ଥିବା ଯେ କୌଣସି ମଣିଷର ପ୍ରଥମ ପରିଚୟ ସେ ଜଣେ ମଣିଷ। ଏହାପରେ ହିଁ ଆଇନ ଆସିପାରେ। କୌଣସି ମଣିଷକୁ ଗୁଲାମୀ ବା ଦାସତ୍ୱରେ ରଖିହେବ ନାହିଁ। ଯେ କୌଣସି ପ୍ରକାର ଦାସତ୍ୱ ପ୍ରଥା ଉପରେ ମଧ୍ୟ କଟକଣା ରହିଛି। ଅଦାଲତ ଦୋଷୀ କହିବା ପୂର୍ବରୁ ନିର୍ଦ୍ଦୋଷ : ଯେ କୌଣସି ଅଧିକାରରୁ ବଞ୍ଚିତ ହୋଇଥିବା ବ୍ୟକ୍ତି ନ୍ୟାୟ ପାଇଁ ଅଦାଲତଙ୍କ ଦ୍ୱାରସ୍ଥ ହେବା ନିମନ୍ତେ ସଂପୂର୍ଣ୍ଣ ଅଧିକାର ରହିଛି। କୌଣସି ବ୍ୟକ୍ତିଙ୍କୁ ମନଇଚ୍ଛା ଗିରଫ, ନଜରବନ୍ଦୀ କିମ୍ବା ଦେଶାନ୍ତର କରି ହେବନାହିଁ। ସମସ୍ତଙ୍କ ପାଖରେ ଏକ ସ୍ୱାଧୀନ ଓ ନିରପେକ୍ଷ ଅଦାଲତରେ ସାର୍ବଜନୀନ ଶୁଣାଣିର ଅଧିକାର ରହିଛି। ଅଦାଲତ ଦୋଷୀ ବୋଲି ରାୟ ଦେବା ପୂର୍ବରୁ ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିର୍ଦ୍ଦୋଷ ଭାବରେ ଗ୍ରହଣ କରାଯିବ। ମନୁଷ୍ୟର ଘର, ପରିବାର, ବ୍ୟକ୍ତିଗତ ଜୀବନ ଓ ବ୍ୟକ୍ତିଗତ ଚିଠିରେ ଅନ୍ୟ କୌଣସି ବ୍ୟକ୍ତି ହସ୍ତକ୍ଷେପ କରିବାର ଅଧିକାର ନାହିଁ। ବ୍ୟକ୍ତିଗତ ଏକାନ୍ତତା ଉପରେ ଆକ୍ରମଣ ମାମଲାରେ ବ୍ୟକ୍ତି ଆଇନ ଠାରୁ ସୁରକ୍ଷା ମାଗିବାର ଅଧିକାର ରହିଛି। ଦେଶ ତ୍ୟାଗ ଓ ଶରଣାର୍ଥୀ ଅଧିକାର : ନିଜ ଦେଶରେ ଯେ କୌଣସି ସ୍ଥାନକୁ ଯିବା ଅଧିକାର ସହ ମନୁଷ୍ୟଙ୍କୁ ଅନ୍ୟ ଦେଶକୁ ଯିବା ଆସିବା କରିବାର ଅଧିକାର ରହିଛି। କେବଳ ଏତିକି ନୁହେଁ ସେ ନିଜ ଦେଶ ତ୍ୟାଗ କରିପାରିବ ଏବଂ ଫେରି ମଧ୍ୟ ପାରିବ। ପ୍ରତିଟି ମନୁଷ୍ୟ ପାଖରେ ନିଜ ଦେଶ ଛାଡ଼ି ଅନ୍ୟ ଦେଶରେ ଶରଣ ମାଗିବାର ଅଧିକାର ରହିଛି। ପ୍ରତ୍ୟେକ ବ୍ୟକ୍ତି ପାଖରେ ଏକ ବିଶେଷ ରାଷ୍ଟ୍ରର ନାଗରିକତାର ଅଧିକାର ରହିଛି। କେହି ଜବରଦସ୍ତ ଭାବରେ ବା ମନଇଚ୍ଛା ତାଙ୍କର ରାଷ୍ଟ୍ରୀୟତା ଛିନ୍ନ କରିପାରିବେ ନାହିଁ। ବିବାହ ଓ ମହିଳା ପୁରୁଷ ସମାନତା ଅଧିକାର : ପ୍ରତ୍ୟେକ ବ୍ୟକ୍ତିର ଜାତି, ଧର୍ମ ଓ ଜାତୀୟତା ନିର୍ବିଶେଷରେ ବିବାହ କରିବାର ଓ ପରିବାର ବଢ଼ାଇବାର ଅଧିକାର ରହିଛି। ଏଥିସହ ବିବାହ ସମୟରେ ଓ ବିବାହ ପରେ ମହିଳା ଓ ପୁରୁଷଙ୍କର ସମାନତାର ଅଧିକାର ରହିଛି। ପ୍ରତି ବ୍ୟକ୍ତିଙ୍କୁ ଏକାକୀ ବା ଏକାଧିକ ବ୍ୟକ୍ତିଙ୍କ ସହ ମିଶି ସମ୍ପତ୍ତି ରଖିବାର ଅଧିକାର ରହିଛି। ସମ୍ପତ୍ତି ଉପରୁ ଏହି ଅଧିକାର କେହି ମନଇଚ୍ଛା ଛିନ୍ନ କରିପାରିବେ ନାହିଁ। ବିଚାର ଓ ଧର୍ମ ଛାଡ଼ିବାର ଓ ଆପଣାଇବାର ଅଧିକାର : ମନୁଷ୍ୟର ଯେ କୌଣସି ବିଚାର ଓ ଧର୍ମକୁ ଆପଣାଇବା ପାଇଁ ସ୍ୱାଧୀନତା ରହିଛି। ଏଥିସହ ନିଜର ଧର୍ମ ଓ ବିଚାର ବଦଳାଇବାର ମଧ୍ୟ ସ୍ୱାଧୀନତା ରହିଛି। ପ୍ରତିଟି ମନୁଷ୍ୟର ବିଚାରକୁ ଅଭିବ୍ୟକ୍ତ କରିବାର ସ୍ୱାଧୀନତା ରହିଛି। କୌଣସି ପ୍ରସଙ୍ଗରେ ନିଜର ବିଚାର ବ୍ୟକ୍ତ କରିବାର ଅଧିକାର ରହିଛି। ବ୍ୟକ୍ତିଙ୍କୁ ଗଣମାଧ୍ୟମ ବା ଅନ୍ୟ ମାଧ୍ୟମରୁ ସୂଚନା ହାସଲ କରିବାର ଅଧିକାର ରହିଛି। ଏହାକୁ କେହି ରୋକିପାରିବେ ନାହିଁ। ସରକାର ବାଛିବା ଓ ସାମାଜିକ ସୁରକ୍ଷାର ଅଧିକାର : ପ୍ରତି ବ୍ୟକ୍ତି ପାଖରେ ଶାନ୍ତିପୂର୍ଣ୍ଣ ଭାବରେ ସଂଗଠନ ଗଠନ କରିବା, ସଂସ୍ଥାର ସଦସ୍ୟ ହେବା ଏବଂ ସଭା କରିବାର ଅଧିକାର ରହିଛି। ଦେଶରେ ସରକାର ଗଠନ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବାର ଏବଂ ସରକାର ନିର୍ବାଚନ କରିବାର ଅଧିକାର ରହିଛି। ଏଥିସହ ଦେଶର ପ୍ରଶାସନିକ କ୍ଷେତ୍ରରେ କାର୍ଯ୍ୟ କରିବା ନିମନ୍ତେ ସମାନ ଅଧିକାର ରହିଛି। ପ୍ରତି ମଣିଷ ପାଖରେ ସମାଜର ଅଂଶ ହୋଇଥିବା କାରଣରୁ ସାମାଜିକ ସୁରକ୍ଷାର ଅଧିକାର ରହିଛି। ଏଥିସହ ବ୍ୟକ୍ତିତ୍ୱ ବିକାଶ ପାଇଁ ଆର୍ଥିକ, ସାମାଜିକ ଏବଂ ସାଂସ୍କୃତିକ ଅଧିକାର ମଧ୍ୟ ରହିଛି। ନିଜ ପସନ୍ଦର ଚାକିରି ଏବଂ ବୃତ୍ତିର ଅଧିକାର : ପ୍ରତ୍ୟେକ ବ୍ୟକ୍ତିଙ୍କର କାମ କରିବା, ନିଜ ପସନ୍ଦର କାମ ଖୋଜିବା, କର୍ମସ୍ଥଳରେ ଉନ୍ନତି ଏବଂ ବେରୋଜଗାରୀରୁ ରକ୍ଷା ପାଇବାର ଅଧିକାର ଅଛି। ଏହା ବ୍ୟତୀତ କୌଣସି ପ୍ରକାର ଭେଦଭାବ ବିନା ସମାନ କାମ ପାଇଁ ସମାନ ପାରିଶ୍ରମିକ ପାଇବାର ମଧ୍ୟ ଅଧିକାର ରହିଛି। ସେ ଟ୍ରେଡ଼ ୟୁନିୟନରେ ସାମିଲ ହୋଇପାରେ, ଟ୍ରେଡ ୟୁନିଅନ ଗଠନ କରିପାରେ। ନିର୍ଦ୍ଦିଷ୍ଟ କର୍ମ ନିର୍ଘଣ୍ଟ ଏବଂ ଛୁଟିରେ ଅଧିକାର ରହିଛି ପ୍ରତ୍ୟେକ କର୍ମଚାରୀଙ୍କ ପାଖରେ। ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ସଂସ୍କୃତିର ଅଧିକାର : ପ୍ରତ୍ୟେକ ବ୍ୟକ୍ତିର ଖାଦ୍ୟ, ପୋଷାକ, ଘର, ସ୍ୱାସ୍ଥ୍ୟ ସୁବିଧା ଏବଂ ଜରୁରୀ ସାମାଜିକ ସୁରକ୍ଷାର ଅଧିକାର ରହିଛି। ପ୍ରତ୍ୟେକ ବ୍ୟକ୍ତିର ଶିକ୍ଷା ଅଧିକାର ରହିଛି। ପ୍ରାଥମିକ ଶିକ୍ଷା ସମସ୍ତଙ୍କ ପାଇଁ ଜରୁରୀ ଏବଂ ଏହାକୁ ଦେୟମୁକ୍ତ କରାଯିବା ପାଇଁ ଅଧିକାର ରହିଛି। ପ୍ରତ୍ୟେକ ବ୍ୟକ୍ତିର ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହେବାର ଅଧିକାର ରହିଛି। ସେ କଳା କିମ୍ବା ବିଜ୍ଞାନ ଜରିଆରେ ହେଉଥିବା ବିକାଶ ଏବଂ ଲାଭକୁ ନିଜ ପାଇଁ ବ୍ୟବହାର କରିପାରିବ। ସାମାଜିକ ଏବଂ ଅନ୍ତଃରାଷ୍ଟ୍ରୀୟ ବ୍ୟବସ୍ଥାର ଅଧିକାର : ପ୍ରତ୍ୟେକ ବ୍ୟକ୍ତି ପାଖରେ ଏପରି ସାମାଜିକ ଏକ ଅନ୍ତଃରାଷ୍ଟ୍ରୀୟ ବ୍ୟବସ୍ଥାର ଅଧିକାର ରହିଛି ଯାହାଦ୍ୱାରା ଜାତିସଂଘରେ ହୋଇଥିବା ଘୋଷଣାନାମା କାର୍ଯ୍ୟକାରୀ ହୋଇପାରିବ। ପ୍ରତ୍ୟେକ ମନୁଷ୍ୟ ନିଜ ଗୋଷ୍ଠୀ ପାଇଁ ଉତ୍ତରଦାୟୀ। ଏହାଦ୍ୱାରା ତାର ବ୍ୟକ୍ତିତ୍ୱର ବିକାଶ ହେବ ଯାହାକି ଗଣତାନ୍ତ୍ରିକ ସମାଜ ପାଇଁ ଖୁବ୍ ଜରୁରୀ। ଏହି ଘୋଷଣାନାମାରେ ସାମିଲ ହୋଇଥିବା କୌଣସି ପ୍ରସଙ୍ଗକୁ ଏମିତି ଭାବରେ ଉପସ୍ଥାପିତ କରାଯିବ ନାହିଁ, ଯାହାଦ୍ୱାରା ମନେହେବ କୌଣସି ରାଷ୍ଟ୍ର ବ୍ୟକ୍ତି ବା ଗୋଷ୍ଠୀ କୌଣସି ଏପରି କାର୍ଯ୍ୟରେ ସାମିଲ ହୋଇପାରିବ।

## ବିକଳ୍ପ ବିଶ୍ୱ : ବାପୁ ବିଚାରରୁ ପଦେ ଅଧେ



ପ୍ରତିବର୍ଷ ଅକ୍ ?ଟୋବର ମାସରେ ଦେଶ ଭିତରେ ଓ ବାହାରେ, ଜାତୀୟ ପିତା ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳିତ କରାଯାଇଥାଏ। କାର୍ଯ୍ୟକ୍ରମରେ ସୋସିଆଲ ମିଡିଆ, ମାସ୍ ? ମିଡିଆ ଛଡ଼ା ଥାଏ, ପୁସ୍ତକ ଉନ୍ମୋଚନ, ପ୍ରଦର୍ଶନୀ, ଭାଷଣ, ସେମିନାର, ସମ୍ମିଳନୀ, ଅହିଂସା, ଅସହଯୋଗ ଓ ଗାନ୍ଧୀ ଦର୍ଶନ, ବିଚାର ଆଲୋଚନା ଓ ଚର୍ଚ୍ଚା ଇତ୍ୟାଦି। ତା' ମଧ୍ୟରେ ଥାଏ- ଗାନ୍ଧୀଙ୍କର ଗୁଜରାଟୀ ଭାଷାରେ ଲିଖିତ ''ସତ୍ୟକେ ସାଥ୍ ମେରେ ପ୍ରୟୋଗ'' ଠାରୁ ଆରମ୍ଭ କରି ବିବୁଧରଞ୍ଜନଙ୍କ ''ମିଛ ମହାତ୍ମା'' ପର୍ଯ୍ୟନ୍ତ ପୁସ୍ତକମାନ। ଏଥିରୁ ଅନେକ ବହି ଅନ୍ୟ ଭାଷାରେ ଅନୁଦିତ ହୋଇ ସାରିଲେଣି। ସବୁଠୁ ଅଧିକ ସଂଖ୍ୟାରେ ଅନୁଦିତ ବହି ଦି' ଖଣ୍ଡ ହେଲେ- ହିନ୍ଦ ସ୍ୱରାଜ ଓ ସତ୍ୟର ପ୍ରୟୋଗ (୧୯୧୯)। ହିନ୍ଦ ସ୍ୱରାଜରେ ଗାନ୍ଧୀ- ଭାରତୀୟ ସ୍ୱତନ୍ତ୍ରତା ଓ ପଶ୍ଚାତ୍ୟ ସଭ୍ୟତା ଉପରେ ତାଙ୍କ ବିଚାର ବ୍ୟକ୍ତ କରିଥିଲେ। 'ସତ୍ୟର ପ୍ରୟୋଗ' ବିଶେଷ ରୂପେ ଏକ ଆ ?ତ୍ମକଥା ଥିଲା, ଯେଉଁଥିରେ ସେ ସତ୍ୟ, ଅହିଂସା ଓ ଈଶ୍ୱରୀୟ ବିଚାରର ମର୍ମ ବ୍ୟାଖ୍ୟାନ କରିବାକୁ ଉଦ୍ୟମ କରିଥିଲେ। ଏହା ଛଡ଼ା ଦେଶର ଯୁବ ସମାଜକୁ ଜାତୀୟତା ତଥା ମାନବିକତାର ମନ୍ତ୍ରରେ ଦୀକ୍ଷିତ କରିବା ପାଇଁ ଗାନ୍ଧୀ ଆରମ୍ଭ କରିଥିଲେ ଏକ ସାପ୍ତାହିକୀ ପତ୍ରିକା- ୟଙ୍ଗ ଇଣ୍ଡିଆ। ତାଙ୍କ ପ୍ରକାଶିତ ଆଉ ଏକ ସମାଚାର ପତ୍ରିକା ଥିଲା- ଇଣ୍ଡିଆନ୍ ଓପିନିଅନ୍। ଏହି କ୍ରମରେ ସେ ଏକଦା ବିଶ୍ୱର ବହୁ ଚର୍ଚ୍ଚିତ ବ୍ୟକ୍ତି ଭାବରେ ଉଭା ହେଇଥିଲେ। ଆତ୍ମବଳକୁ ଉପଭୋଗ ନ କରି ଉପଯୋଗର ସେ ଥିଲେ ପକ୍ଷଧର। ସେମିତି ସେ ଯନ୍ତ୍ରୀକରଣ ବା ଉଦ୍ୟୋଗୀକରଣର ଅନ୍ଧ ଅନୁକରଣ ପସନ୍ଦ କରୁ ନ ଥିଲେ। ଏଇଥି ପାଇଁ ସେ ବଜାରରେ ସବୁଠୁ ବେଶୀ ବିକ୍ରି ହେଉଥିବା ଦ୍ରବ୍ୟ କିଣାବିକା ବିରୋଧୀ ଥିଲେ। କାହିଁକି ସେ ଶସ୍ତା ତୃତୀୟ ଶ୍ରେଣୀରେ ରେଳ ଯାତ୍ରା କରୁଥିଲେ, ତା'ର ବିଭିନ୍ନ ଦିଗ ସଂପର୍କରେ ଗାନ୍ଧୀ କହି ସାରିଛନ୍ତି। ଲେଖକ ଦାର୍ଶନିକ ଏରିକ୍ ୱେନର୍ ସ୍ୱରଚିତ ପୁସ୍ତକ- 'ଦି ସକ୍ରେଟିକ୍ ଏକ୍ସପ୍ରେସ୍'ରେ ଏ ବିଷୟରେ ଲେଖିଛନ୍ତି। ସମାଜ ବିଜ୍ଞାନୀମାନଙ୍କ ପାଇଁ ବାପୁ ଥିଲେ ଏକ ବହୁରୂପୀ ଚରିତ୍ର। ପରମ୍ପରାବାଦୀ, ଉପବାସ ପ୍ରବଣ, ଏକଜିଦିଆ, ସରଳ, ଓକିଲ, ଶାକାହାରୀ, ଲେଖକ, ଅସଫଳ ନର୍ତ୍ତକ, ସମାଲୋଚକ, କର୍ମୀ, ବିଦ୍ରୋହୀ, ଚଳନ୍ତା ଟାଇମ୍ କିପର, ସନ୍ନ୍ୟାସୀ, ଶିକ୍ଷକ, ନି ?ରପେକ୍ଷ ମଧ୍ୟସ୍ଥ, ଶାନ୍ତି ଓ ଅହିଂସାର ପୂଜାରୀ, ଇତ୍ୟାଦି। ସେ ଜାଣିଥିଲେ ବ୍ୟବସ୍ଥା ବିରୋଧରେ ସ୍ୱର ଉତ୍ତୋଳନ ଓ ସଫଳତା ଏକ ଦୀର୍ଘ ସଂଗ୍ରାମ। ତେଣୁ ଏଥି ପାଇଁ ଲଢୁଆମାନଙ୍କୁ ନିଜ ନିଜର ପ୍ରକୃତି ବଦଳେଇବାକୁ ହେବ। ଲଢ଼େଇର ଚେହେରା ଚରିତ୍ର ବଦଳେଇବାକୁ ପଡ଼ିବ। ନୂଆ ନୂଆ ରଣକୌଶଳ ପ୍ରୟୋଗ କରିବାକୁ ହେବ। ଗାନ୍ଧୀ ହିଂସାକୁ ଘୃଣା କରୁଥିଲେ, କିନ୍ତୁ ତା' ଠାରୁ ଅଧିକ ଘୃଣା କରୁଥିଲେ ଭୀରୁତାକୁ। କହୁଥିଲେ ଡରୁଆ ଏକ ଅଧାମଣିଷ। ଏବଂ କହୁଥିଲେ- ଭୟଶୂନ୍ୟତା ମୁକ୍ତି ପଥର ପ୍ରଥମ ପାହାଚ। ଗାନ୍ଧୀ ଥିଲେ ଏକ ସାଧାରଣ ମଣିଷ, ପିତା ଓ ସ୍ୱାମୀ। ସାଧାରଣ ପରିବାରରେ ଜନ୍ମ ହେଇଥିଲେ। ମାତ୍ର ୧୩ ବର୍ଷ ବୟସରେ ବିବାହ କରିବାକୁ ପଡ଼ିଥିଲା। ବାଲ୍ୟାବସ୍ଥା। ଅତି ସାଧାରଣ। କିନ୍ତୁ ବୈବାହିକ ଜୀବନ ସାଧାରଣ ନ ଥିଲା। ପିଲାଦିନେ କୁସଙ୍ଗରେ ପଡ଼ିଥିଲେ। ସତ୍ୟର ପ୍ରୟୋଗ ପୁସ୍ତକରେ ଗାନ୍ଧୀ ଏହାର ଶୀର୍ଷକ ରଖିଛନ୍ତି- ''ମାଇଁ ହିମାଲୟନ୍ ବ୍ଲଣ୍ଡର''। ନିଜର ଯୌନ ଦୁର୍ବଳତା କଥା ବି ମାନିଛନ୍ତି। ଗାନ୍ଧୀ କେବେ 'ରେଜଲ୍ଟ ଓରିଏଣ୍ଟେଡ୍' ବା 'ଫଳ କୈନ୍ଦ୍ରିକ' ନ ଥିଲେ। ସେ ଥିଲେ 'ପ୍ରସେସ୍ ଓରିଏଣ୍ଟେଡ୍' ବା ପ୍ରକ୍ରିୟା ଉପରେ ମହତ୍ୱ ଦେଉଥିଲେ। ଅହିଂସା, ଅସହଯୋଗ ଆନ୍ଦୋଳନର ପ୍ରକ୍ରିୟାରେ ସାମାନ୍ୟ ଦୋଷ ତ୍ରୁଟି ତାଙ୍କ ଦୃଷ୍ଟିକୁ ଆସିଲା ପରେ ତତ୍କ୍ଷଣାତ୍ ଏହାକୁ ବାତିଲ କରିଦେଉଥିଲେ। ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ଇତିହାସରେ ଏହି ଯୁଗକୁ କୁହାଯାଏ- ଗାନ୍ଧୀଯୁଗ। ୧୯୧୫ରେ ମହାତ୍ମା ଗାନ୍ଧୀଙ୍କ ଭାରତ ପ୍ରତ୍ୟାବର୍ତ୍ତନ ଠାରୁ ଆରମ୍ଭ କରି ୧୯୪୭ରେ ଭାରତ ସ୍ୱାଧୀନତା ପର୍ଯ୍ୟନ୍ତ କାଳଖଣ୍ଡ ହେଉଛି ଏହି ଗାନ୍ଧୀଯୁଗ। ଗାନ୍ଧୀଜୀ ଜଣେ ପ୍ରବଳ ବକ୍ତା ନ ଥିଲେ; କିନ୍ତୁ ଲୋକେ ତାଙ୍କ କଥା ମନ ଦେଇ ଶୁଣୁଥିଲେ ଏବଂ ଉଦ୍ଧାର କରୁଥିଲେ। ଯେପରିକି ''ତୁ ମୋ ଆଖି ଫୁଟାଇ ଦେ ମୁଁ ତୋ ଆଖି ତାଡ଼ି ଦେବି ମନୋବୃତ୍ତି ଦ୍ୱାରା ଦିନେ ସାରା ପୃଥିବୀ ଅନ୍ଧ ହୋଇଯିବ'' ବା ''ଆମର ବର୍ତ୍ତମାନର ଆଚରଣ ଆମ ଭବିଷ୍ୟତ ରୂପ ନିର୍ଦ୍ଧାରଣ କରିଥାଏ'' ବା ''ସରଳତା ଜୀବନର ମହାନତା ଦର୍ଶାଇଥାଏ'' ଇତ୍ୟାଦି। ଏହି ଯୁଗର ବିଶେଷତା ହେଲା ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱ ଓ ଦିଗ୍‌ଦର୍ଶନରେ ଅହିଂସା ପ୍ରତିରୋଧ ଓ ସବିନୟ ଅବଜ୍ଞା ଆଧାରିତ 'ଭାରତ ଛୋଡୋ' ଭଳି ପ୍ରମୁଖ ଜନ ଆନ୍ଦୋଳନ, ଯାହା ବିଦେଶୀ ସରକାରକୁ ଭାରତ ଛାଡ଼ିବାକୁ ବାଧ କରିଥିଲା। ଜୀବନରେ ବିଭିନ୍ନ ସମୟରେ ଘଟୁଥିବା ଛୋଟବଡ଼ ଘଟଣାରୁ ଶିଖିବା ପାଇଁ ଚେଷ୍ଟା କରୁଥିଲେ ଗାନ୍ଧୀ। ଥରେ ଆମେରିକାନ ଧର୍ମଯାଜକ ଜନ୍ ମୋଟ ଗାନ୍ଧୀଙ୍କୁ ପଚାରିଲେ ତାଙ୍କ ଜୀବନର କେଉଁ ଘଟଣାଟିରୁ ତାଙ୍କୁ ସବୁଠୁ ବେଶୀ ପ୍ରେରଣା ଓ ଶିକ୍ଷା ମିଳିଥିଲା। ଉତ୍ତର ଦେଇ ଗାନ୍ଧୀ କହିଥିଲେ- ସେଇଟି ଥିଲା ଦକ୍ଷିଣ ଆଫ୍ରିକା ପ୍ରିଟୋରିଆ ସହରକୁ ରେଳ ଡବାରେ ତାଙ୍କ ଯାତ୍ରା ଓ ରେଳ କର୍ମଚାରୀଙ୍କ ଦୁର୍ବ୍ୟବହାର। ଏହା ୧୮୯୩ ମସିହା ଜୁନ୍ ମାସର ଘଟଣା। ସେ ନାତାଲ ସହରରେ ଓକିଲାତି କରୁଥାନ୍ତି। ତାଙ୍କ ପାଖରେ ପ୍ରଥମ ଶ୍ରେଣୀ ଟିକେଟ ଥାଏ। କିନ୍ତୁ ସେ କଳା ରଙ୍ଗ ଭାରତୀୟ ହୋଇଥିବାରୁ ତାଙ୍କୁ ବାହାର କରି ଦିଆଯାଇଥିଲା। ସେ ସାରା ରାତି ବାହାରେ ପଡ଼ି ରହିଥିଲେ। ଗାନ୍ଧୀଙ୍କ ପାଇଁ ଏହା ଥିଲା ବର୍ଣ୍ଣ ବୈଷମ୍ୟର ପ୍ରଥମ ତିକ୍ତ ଅଭିଜ୍ଞତା। ସେଇଦିନ ଗାନ୍ଧୀ ରଙ୍ଗଭେଦ ବିରୋଧରେ ସଂଗ୍ରାମ କରିବା ପାଇଁ ମନେ ମନେ ସ୍ଥିର କରିଥିଲେ। ଏହି ନିଷ୍ପତି କ୍ରମେ ଜନ ଆନ୍ଦୋଳନର ରୂପ ନେଲା ଓ ଶେଷରେ ସଫଳ ହେଲା। ଏବେ ଆଫ୍ରିକା, ଆମେରିକା, ୟୁରୋପ, ଏସିଆର ଶତାଧିକ ଦେଶ ରଙ୍ଗଭେଦ ବ୍ୟାଧିରୁ ମୁକ୍ତ। ଗୋଟିଏ ରାତିର ରେଳ ଯାତ୍ରା କିପରି ବିଶ୍ୱ ଇତିହାସ ମୋଡ଼ ବଳାଇ ଦେଇପାରେ ଏହି ଘଟଣା ତା'ର ଏକ ଜ୍ୱଳନ୍ତ ଉଦାହରଣ। ଗାନ୍ଧୀଙ୍କ କଥା ପଡ଼ିଲେ ଆଫ୍ରିକୀୟମାନେ ଗର୍ବର ସହ ଭାରତୀୟମାନଙ୍କୁ କହନ୍ତି- ତମେ ଆମକୁ ଦେଇଥିଲ ମୋହନ ଦାସ। ଆମେ ତାଙ୍କୁ ମହାତ୍ମା ଗାନ୍ଧୀ କରି ତମକୁ ଫେରାଇ ଦେଲୁ। ସେହିପରି ଆମେରିକାରେ ଏହି ଆନ୍ଦୋଳନର ନେତା ନୋବେଲ ବିଜୟୀ ମାର୍ଟିନ ଲୁଥର୍ କିଙ୍ଗ ଗାନ୍ଧୀଙ୍କୁ ନିଜର ରାଜନେ ?ତିକ ଗୁରୁ ଭାବରେ ସମ୍ମାନ କରୁଥିଲେ। ସେହିପରି ଆଉଜଣେ ଗାନ୍ଧୀଭକ୍ତ ଥିଲେ ଆଇନଷ୍ଟାଇନ। ସେ କହୁଥିଲେ ୧୦୦୦ ବର୍ଷ ପରେ ଆଗାମୀ ପିଢ଼ି ବିଶ୍ୱାସ କରିବ ନାହିଁ ଯେ ରକ୍ତ ମାଂସ ଶରୀରରେ ଗଢ଼ା ବାପୁଙ୍କ ଭଳି ଏକ ମହାନ ବ୍ୟକ୍ତି ଏକଦା ଏହି ପୃଥିବୀ ପୃଷ୍ଠରେ ବିଚରଣ କରୁଥିଲେ। ଗାନ୍ଧୀଜୀ ସର୍ବଦା ଶରୀରକୁ ସୁସ୍ଥ ଓ ମନ ପବିତ୍ର ରଖିବାକୁ ନିଷ୍ଠାପର ଉଦ୍ୟମ କରୁଥିଲେ। ତାଙ୍କ ଆଶ୍ରମ ପାଇଁ ଦିନଚର୍ଯ୍ୟା ସେଇ ଅନୁସାରେ ତିଆରି ହୋଇଥିଲା ଓ ଶୃଙ୍ଖଳା ସହ ପାଳିତ ହେଉଥିଲା, ତାଙ୍କ ଜୀବନର ଅନ୍ତିମ ଦିନ ପର୍ଯ୍ୟନ୍ତ। ଗାନ୍ଧୀ ନିଜେ ବ୍ରାହ୍ମ ମୁହୂର୍ତ୍ତରେ ତିନିଟା ତିରିଶ ମିନିଟ (୩.୩୦)ରେ ଶଯ୍ୟା ତ୍ୟାଗ କରୁଥିଲେ। ତା' ପରେ ନିତ୍ୟକର୍ମ ସାରି ସମୂହ ପ୍ରାର୍ଥନା ପାଇଁ ପ୍ରସ୍ତୁତ ହେଇ ଯାଉଥିଲେ। ବ୍ରସ୍ ବଦଳରେ ଦାନ୍ତକାଠି ବ୍ୟବହାର କରୁଥିଲେ। ତା' ପରେ ସ୍ନାନ ସାରି ମହୁପାଣି ସେବନ କରୁଥିଲେ ଓ ସମୂହ, ସର୍ବଧର୍ମ ପ୍ରାର୍ଥନା, ଧ୍ୟାନ କରୁଥିଲେ ଆଶ୍ରମର ସବୁ ଅନ୍ତେବାସୀ। ୧୨୫ ବର୍ଷ ବଞ୍ଚି ରହିବାକୁ ଯୋଜନା କରାଯାଇଥିଲା। ଲକ୍ଷ୍ୟ ଥିଲା ତାଲିମ ଓ କଠୋର ଶୃଙ୍ଖଳା ମାଧ୍ୟମରେ ସ୍ୱାଧୀନତା ସଂଗ୍ରାମ ପାଇଁ କର୍ମୀ ଚୟନ। ପରିହାସରେ କହୁଥିଲେ, ଦିଆସିଲ କାଠି ଓଦା ରହିଲେ ସହଜରେ ନିଆଁ ଲାଗେନାହିଁ। ଗାନ୍ଧୀଜୀ ଜଣେ ପ୍ରବଳ ବକ୍ତା ନ ଥିଲେ; କିନ୍ତୁ ଲୋକେ ତାଙ୍କ କଥା ମନ ଦେଇ ଶୁଣୁଥିଲେ ଏବଂ ଉଦ୍ଧାର କରୁଥିଲେ। ଯେପରିକି ''ତୁ ମୋ ଆଖି ଫୁଟାଇ ଦେ ମୁଁ ତୋ ଆଖି ତାଡ଼ି ଦେବି ମନୋବୃତ୍ତି ଦ୍ୱାରା ଦିନେ ସାରା ପୃଥିବୀ ଅନ୍ଧ ହୋଇଯିବ'' ବା ''ଆମର ବର୍ତ୍ତମାନର ଆଚରଣ ଆମ ଭବିଷ୍ୟତ ରୂପ ନିର୍ଦ୍ଧାରଣ କରିଥାଏ'' ବା ''ସରଳତା ଜୀବନର ମହାନତା ଦର୍ଶାଇଥାଏ'' ଇତ୍ୟାଦି। କେତେ ବଡ଼ ଧନୀ ଥିଲେ ଗାନ୍ଧୀ ମଲା ବେଳକୁ ଛାଡ଼ି ଯାଇଥିଲେ ହଳେ ପୁରୁଣା ଚଷମା, କାଠ ତିଆରି ପଟେ ଖାଇବା ଥାଳି, ଗୋଟିଏ ପୁରୁଣା ପକେଟ ଘଡ଼ି ଏବଂ ତାଙ୍କୁ ଜଣେ ଜାପାନୀ ବନ୍ଧୁ ଉପହାର ଭାବେ ଦେଇଥିବା- ତିନିଟି ମାଙ୍କଡ଼ର ଏକ ଚିତ୍ର। ଶୀର୍ଷକ ଥିଲା- ଖରାପ କଥା କହିବ ନାହିଁ, ଖରାପ କଥା ଶୁଣିବ ନାହିଁ, ଖରାପ କଥା ଦେଖିବ ନାହିଁ।

## ଲୋଡ଼ିବାର ଭାବ

ସମ୍ବାଦପତ୍ରକୁ ଯାହା ପ୍ରିୟପାତ୍ର କରିଥାଏ, ତାହା ହେଲା ପାଠକପାଠିକାଙ୍କ ସହିତ ତା'ର 'ଜୈବିକ' ସଂପର୍କ; ଛୁଇଁବା, ପଢ଼ିବା, ଚିହ୍ନିତ କରିବା, ନିଜ ଇଚ୍ଛାରେ କୌଣସି ବିଷୟକୁ ବାରମ୍ବାର ଫେରିବା ଓ କାଟି ସାଇତି ରଖିବା ଇତ୍ୟାଦିର ସୁଯୋଗ ସମ୍ବାଦପତ୍ର ହିଁ ତା'ର ପାଠକପାଠିକାଙ୍କୁ ଦେଇଥାଏ। କିନ୍ତୁ, ଯାହା ସମ୍ବାଦପତ୍ରରୁ ନ ମିଳି ସାମାଜିକ ଓ ଇଲେକ୍ଟ୍ରୋନିକ ଗଣମାଧ୍ୟମରୁ ମିଳିଥାଏ, ତାହା ହେଲା ସେଗୁଡ଼ିକର ଅହୋରାତ୍ର ଉପଲବ୍ଧତା, ଯାହା ଅନେକଙ୍କ ମତରେ ସେ ସବୁର ମୁଖ୍ୟ ଆକର୍ଷଣ। କିନ୍ତୁ ସହଜଲଭ୍ୟତା ତୁଳନାରେ ପ୍ରତୀକ୍ଷା ପରେ ପ୍ରାପ୍ତ ହେବାର ସମ୍ଭାବନା କୌଣସି ଚିଜକୁ ଅଧିକ ପ୍ରେମାସ୍ପଦ କରି ନ ଥାଏ କି ? ଆଜି 'ସମ୍ବାଦ'କୁ ଏକଚାଳିଶ ବର୍ଷ ପୂରି ବୟାଳିଶ ଚାଲିଲା। ଭାରତରେ ସମ୍ବାଦପତ୍ର(କେତେକ ଆଞ୍ଚଳିକ ଖବରକାଗଜ ମଧ୍ୟ)ଗୁଡ଼ିକର ବୟସ ଦୃଷ୍ଟିରୁ ବିଚାର କଲେ ରାଜ୍ୟରେ ସର୍ବାଧିକ ପ୍ରସାରିତ ଏବଂ ପଠିତ ଏହି ଖବରକାଗଜଟି ତା'ର ସୁଢ଼ଳ ତାରୁଣ୍ୟରେ ଉପନୀତ ବୋଲି କୁହାଯାଇପାରିବ। କିନ୍ତୁ, ବିଡ଼ମ୍ବନା ହେଲା ସଂପ୍ରତି ସୃଷ୍ଟ ଏକ ବ୍ୟାଖ୍ୟାନ ଯେ ମୁଦ୍ରିତ ଗଣମାଧ୍ୟମର ଅସ୍ତିତ୍ୱ ସଂକଟଜନିତ ଦୁର୍ଦ୍ଦଶା ଅନତି ଦୂରରେ ! ପାଶ୍ଚାତ୍ୟରେ କେତେକ ପ୍ରସିଦ୍ଧ ଦୀର୍ଘାୟୁ ପତ୍ରପତ୍ରିକା ଅପସୃତ ହୋଇଯିବା ବା ଅପସୃୟମାନ ସ୍ଥିତିକୁ ଚାଲି ଆସିବା ଏଭଳି ବ୍ୟାଖ୍ୟାନକୁ ଆଂଶିକ ଦୃଢ଼ତା ପ୍ରଦାନ କରୁଥିଲେ ହେଁ ଓଡ଼ିଶା ଭଳି ଏକ ରାଜ୍ୟରେ ଆଞ୍ଚଳିକ ସମ୍ବାଦପତ୍ର ଲାଗି ଏଭଳି ଆଶଙ୍କାର ଯଥାର୍ଥତା ନେଇ ଏକ କ୍ଷୁଦ୍ର ଆଲୋଚନା ପ୍ରାସଙ୍ଗିକ ହୋଇଥାଏ। ଓଡ଼ିଆ ଖବରକାଗଜର ପ୍ରସାରଣ ସଂଖ୍ୟାରେ ବୃଦ୍ଧି ନ ଘଟି ସ୍ଥିର ରହିବା ବା ବରଂ ସଂକୁଚିତ ହେବାର ଲକ୍ଷଣ ପ୍ରଦର୍ଶନ କରୁଥିବା ସଂଦର୍ଭରେ ଆଲୋଚନା ବେଳେ ଯେଉଁ ଦୁଇଟି କାରଣକୁ ପ୍ରମୁଖ ଭାବେ ଦର୍ଶା ଯାଇଥାଏ : ତହିଁରୁ ପ୍ରଥମଟି ହେଲା ଓଡ଼ିଆ ଭାଷା ସହିତ ପରିଚିତ ହେଉ ନ ଥିବା ଏକ ବୃହତ୍ ତରୁଣ ପାଠକପାଠିକା ବର୍ଗ ଓଡ଼ିଆ ସମ୍ବାଦପତ୍ରର ଗ୍ରାହକ ପରିମଣ୍ଡଳକୁ ପ୍ରବେଶ କରୁନାହାନ୍ତି ଏବଂ ଦ୍ୱିତୀୟଟି ହେଲା ଖବରମାନ ବୈଦ୍ୟୁତିକ ବେଗରେ ନିମିଷକ ମାତ୍ରେ ସାମାଜିକ ଗଣମାଧ୍ୟମରେ ଜୀବନ୍ତ ହୋଇ ଉଠୁଥିବାରୁ ସମ୍ବାଦପତ୍ରଗୁଡ଼ିକର ପ୍ରାସଙ୍ଗିକତା କ୍ରମେ ଅବକ୍ଷୟିଷ୍ଣୁ ହେବାରେ ଲାଗିଛି। କିନ୍ତୁ ପ୍ରଥମ କାରଣକୁ କାଟ କରିଥାଏ ଏହି ସାମାନ୍ୟ ତଥ୍ୟ ଯେ ଆମ ରାଜ୍ୟରେ ଓଡ଼ିଆ ? ମାଧ୍ୟମରେ ମେଟ୍ରିକ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା(୨୦୨୪ ମସିହାରେ ୫ ଲକ୍ଷରୁ ଅଧିକ) ଇଂରେଜୀ ମା ?ଧ୍ୟମରେ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀଙ୍କ ଠାରୁ ଅନେକ ଅଧିକ, ଯେଉଁମାନଙ୍କ ଦ୍ୱାରା ତ ଓଡ଼ିଆ ସମ୍ବାଦପତ୍ରର ଗ୍ରାହକ ସଂଖ୍ୟା ସମୃଦ୍ଧ ହୋଇ ପାରନ୍ତା ! କିନ୍ତୁ ସେଭଳି ଘଟୁ ନାହିଁ। ତେଣୁ ଏକ ଧାରଣା ଜାତ ହେଉଛି ଯେ ଇଲେକ୍ଟ୍ରୋନିକ୍ସ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମର ଆକର୍ଷଣ ସେମାନଙ୍କୁ ହୁଏତ ଖବରକାଗଜ ଠାରୁ ଦୂରେଇ ନେଉଛି। ଅବଶ୍ୟ, ସାଂପ୍ରତିକ ସମୟର ଏହା ଏକ କର୍କଶ ବାସ୍ତବତା ଯେ ସାମାଜିକ ଗଣମାଧ୍ୟମରେ ନିବିଷ୍ଟ ଏହି ପିଢ଼ି ଠାରେ ପଠନ ସ୍ପୃହାରେ ତୀବ୍ର ସଂକୋଚନ ଘଟିଛି ଏବଂ ଶିକ୍ଷିତ ତରୁଣ ବର୍ଗଙ୍କ ସକାଶେ ଯାହା ବି ପଠନୀୟ ହେଉଛି, ତାହା ପ୍ରାୟତଃ ପାଠ୍ୟକ୍ରମ, ପରୀକ୍ଷା ବା ପ୍ରବେଶିକା ପରୀକ୍ଷା କୈନ୍ଦ୍ରିକ ପୁସ୍ତକ; ପଠନରେ ବିଳାସ ଅତ୍ୟନ୍ତ ଦୁର୍ଲଭ। ତେବେ, ଏହି ସଂଦର୍ଭରେ ବିଭିନ୍ନ ଅନୁଶୀଳନର ନିଷ୍କର୍ଷ ମାଧ୍ୟମରେ ଅନେକ ସମାଜବିଜ୍ଞାନୀ ଏକମତ ହୁଅନ୍ତି ଯେ ବିଭିନ୍ନ ଜ୍ୱଳନ୍ତ ଓ ବାସ୍ତବ ସମସ୍ୟା ପ୍ରତି ସାଂପ୍ରତିକ ପିଢ଼ି ଅଙ୍ଗୀକାରଶୂନ୍ୟ ଭାବେ ଉଦାସୀନ; ଉଦାହରଣ ସ୍ୱରୂପ କୃଷକ ଆତ୍ମହତ୍ୟା ଭଳି ସମସ୍ୟା ଉପରେ ସାଂପ୍ରତିକ କଲେଜ ପଢୁଆ ଛାତ୍ରଛାତ୍ରୀମାନେ ବିଶେଷ ଧ୍ୟାନ ଦିଅନ୍ତି ନାହିଁ ବୋଲି ଏକାଧିକ ଅନୁଧ୍ୟାନରୁ ପ୍ରମାଣିତ। ତେଣୁ ସେମାନଙ୍କ ମତରେ ବାସ୍ତବ ସମସ୍ୟା ପ୍ରତି ଏଭଳି ବିରାଗୀ ବର୍ଗକୁ ସମ୍ବାଦପତ୍ର ପଠନ ପ୍ରତି ଅନୁରାଗୀ କରିବାର ମାର୍ଗ ହେଲା ତହିଁରେ ଏବର ତରୁଣ ପ୍ରାଣକୁ ମଥିତ କଲା ଭଳି ଆଙ୍ଗିକ, ଆବେଗିକ ଓ ଆବେଦନଗତ ପରିବର୍ତ୍ତନ ଆଣିବାର ଉଦ୍ୟମ କରିବା; ଯାହାକୁ ହୁଏତ ବିବର୍ତ୍ତନର ଦାବି ବୋଲି କୁହାଯାଇପାରେ ! ଏହା ସତ ଯେ ଡିଜିଟାଲ ସାକ୍ଷରତାରେ ଓଡ଼ିଶା ଏ ଯାବତ୍ ? ବିଶେଷ ଅଗ୍ରଗତି ଲାଭ କରି ନାହିଁ, ଯେଉଁ କାରଣରୁ ଡିଜିଟାଲ ଗଣମାଧ୍ୟମ ଦ୍ୱାରା ସମ୍ବାଦପତ୍ର ବିସ୍ଥାପିତ ହେବାର ଭୟ ଅନ୍ତତଃ ନିକଟ ଭବିଷ୍ୟତ୍‌ରେ ନାହିଁ; ଏବଂ ଡିଜିଟାଲ ଗଣମାଧ୍ୟମରେ ନିରନ୍ତର ପ୍ରସାରିତ ହେଉଥିବା ମିଥ୍ୟା, ଗୁଜବ, ଅପପ୍ରଚାର ଓ ନିରର୍ଥକ ଚାପଲ୍ୟର ସ୍ରୋତ ତାକୁ କ୍ରମେ ଅଧିକରୁ ଅଧିକ ସନ୍ଦିଗ୍ଧ କରି ପକାଉଥିବାରୁ ଆଶା ଉଜ୍ଜ୍ୱଳ ଯେ ଦୂର ଭବିଷ୍ୟତ୍‌ରେ ମଧ୍ୟ ମୁଦ୍ରିତ ଗଣମାଧ୍ୟମ ଲୋଡ଼ା ପଡ଼ିବ, ଯହିଁରେ ଲିଖିତ ଶବ୍ଦମାନ ପଥରରେ ଖୋଦିତ ଭଳି ଅକାଟ୍ୟ ପ୍ରତୀତ ହେବେ ! କହିବା ଅନାବଶ୍ୟକ ଯେ ପୃଥିବୀର ସର୍ବତ୍ର ମୁଦ୍ରିତ ଗଣମାଧ୍ୟମରେ ପ୍ରକାଶିତ ହେଉଥିବା ସମ୍ବାଦମାନ ସଂପାଦନା, ଅନୁଶୀଳନ, ଆଲୋଚନା ଓ ସତ୍ୟତା-ଯାଞ୍ଚ ଭଳି ବିଶୁଦ୍ଧୀକରଣ ପ୍ରକ୍ରିୟା ମଧ୍ୟ ଦେଇ ଯାଉଥିବାରୁ ସେଗୁଡ଼ିକ ବିଶ୍ୱସନୀୟ ବୋଲି ଦୃଢ଼ ଧାରଣା ରହିଛି। କେବଳ ସେତିକି ନୁହେଁ, ପ୍ରକାଶିତ ହେଲା ପରେ ଲେଖାଗୁଡ଼ିକ ବ୍ୟକ୍ତିଗତ ସଂଗ୍ରହ ଠାରୁ ଆରମ୍ଭ କରି ପାଠାଗାର ଏବଂ ଅଭିଲେଖାଗାର ପର୍ଯ୍ୟନ୍ତ ସ୍ଥାନରେ ସଂରକ୍ଷିତ ହୋଇ ରହି ଭବିଷ୍ୟତ୍‌ରେ ବାରମ୍ବାର ଉଦ୍ଧୃତି, ତର୍ଜମା, ପର୍ଯ୍ୟବେକ୍ଷଣ ଓ ପରୀକ୍ଷଣର ପାତ୍ର ହୋଇ ରହନ୍ତି। ଏହି କାରଣରୁ ସମ୍ବାଦପତ୍ରଗୁଡ଼ିକ ଏକ ସ୍ୱତନ୍ତ୍ର ଗାମ୍ଭୀର୍ଯ୍ୟର ଅଧିକାରୀ ମଧ୍ୟ ହୁଅନ୍ତି। ପୁଣି, ମୁଦ୍ରିତ ଗଣମାଧ୍ୟମ ପ୍ରାୟତଃ ପ୍ରତିଭାସଂପନ୍ନ ତରୁଣ ଲେଖକ ଏବଂ ସାମାଜିକ କର୍ତ୍ତବ୍ୟବୋଧ ପ୍ରତି ସଚେତନ ବ୍ୟକ୍ତିବିଶେଷଙ୍କୁ ତହିଁରେ କାର୍ଯ୍ୟ କରିବାକୁ ଆକୃଷ୍ଟ କରିଥାଏ, ଯେଉଁମାନେ ସମ୍ବାଦପତ୍ର ପୃଷ୍ଠାର ପ୍ରଚ୍ଛଦପଟରେ ରହି ଦାୟିତ୍ୱ ନିର୍ବାହ କରନ୍ତି; ଇଲେକ୍ଟ୍ରୋନିକ ମିଡିଆରେ ଲବ୍ଧ ହେଉଥିବା ଚେହେରା-ଖ୍ୟାତି ପ୍ରତି ନିର୍ବିକାର ରହି ଅଦୃଶ୍ୟ ଗାଇଡ୍ ଭଳି ପାଠକପାଠିକାଙ୍କ ହାତ ଧରି ଶବ୍ଦର କୁହୁକ ଅରଣ୍ୟ ମଧ୍ୟରେ ବାଟ କଢ଼ାଇ ନିଅନ୍ତି। ପୃଥିବୀର ଅସଂଖ୍ୟ ଲବ୍ଧପ୍ରତିଷ୍ଠ ଲେଖକଲେଖିକା ସେମାନଙ୍କ ଲେଖକୀୟ କ୍ୟାରିଅର ଖବରକାଗଜର ସାମ୍ବାଦିକତାରୁ ହିଁ ପ୍ରାରମ୍ଭ କରିଛନ୍ତି। ଏହି କାରଣରୁ ପୃଥିବୀର ସବୁ ପ୍ରାନ୍ତରେ ଭାଷା ଜ୍ଞାନର ପରିମାର୍ଜନ ଓ ଲିଖନ ଶୈଳୀରେ ଉନ୍ନତି ବିଧାନ ସକାଶେ ଦୈନିକ ସମ୍ବାଦପତ୍ର ପାଠ କରିବାକୁ କିଶୋର ବା ତରୁଣମାନଙ୍କୁ ସେମାନଙ୍କ ଗାର୍ଜନମାନେ ପରାମର୍ଶ ଦେଇ ଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ପରିଚିତିର ସ୍ପୃହା ନ ରଖି ସାମ୍ବାଦିକ ଭାବେ ଦାୟିତ୍ୱ ସଂପାଦନ କରିବାର ଏହି ବିଶ୍ୱ ପ୍ରସିଦ୍ଧ ଉଦାହରଣ ଦ୍ରଷ୍ଟବ୍ୟ। ୧୯୫୫ ମସିହାରେ କଲମ୍ବିଆର ଖବରକାଗଜ 'ଏଲ ଏସ୍ପେକ୍ଟାଡୋର'ରେ ଦୁଇ ସପ୍ତାହ ଧରି ପ୍ରତ୍ୟେକ ଦିନ ଧାରାବାହିକ ଭାବେ ପ୍ରକାଶିତ ହୋଇଥିବା ଆଲେଖ୍ୟର ଶୀର୍ଷକ ଥିଲା 'ଦ ଷ୍ଟୋରି ଅପ୍ ଏ ସିପ୍‌ରେକ୍‌ଡ ମ୍ୟାନ' ଅର୍ଥାତ୍ ? 'ଝଡ଼ରେ ବିଧ୍ୱସ୍ତ ଏକ ଜାହାଜ ନାବିକର କାହାଣୀ'; ଯହିଁରେ ବାହାରି ଥିଲା କିଭଳି ଲୁଇ ଆଲେକଜାଣ୍ଡ୍ରୋ ବେଲାସ୍କୋ ନାମକ ଜଣେ ନାବିକ, ତାଙ୍କ ଜାହାଜ ଦୁର୍ଘଟଣାଗ୍ରସ୍ତ ହେବା ପରେ, ଏକ ଭଙ୍ଗା କାଠ ପଟାକୁ ଆଶ୍ରା କରି ଅଥଳ କ୍ୟାରିବୀୟ ସାଗରରେ ଅସହାୟ ଭାବେ ଭାସି ରହି କ୍ଷୁଧା, ତୃଷା, ଅନିଦ୍ରା, ନିଃସଙ୍ଗତା ଓ ରକ୍ତ ପିପାସୁ ସାର୍କଙ୍କ ମଧ୍ୟରେ ଦୀର୍ଘ ଦଶ ଦିନ କାଟି କୌଣସିମତେ ବଞ୍ଚି ରହି କୂଳରେ ଲାଗିଥିଲେ। ତେବେ, ଆତ୍ମଜୀବନୀ ଶୈଳୀରେ ରଚିତ ଏହି ଅନବଦ୍ୟ ଗଦ୍ୟକୁ ବେଲାସ୍କୋଙ୍କ ସ୍ୱଲିଖିତ ବୋଲି ଧରି ନେଇଥିବା ଅଗଣିତ ଚମତ୍କୃତ ପାଠକପାଠିକା ଅନେକ ବର୍ଷ ପରେ ସ୍ତବ୍ଧ ହୋଇଯାଇଥିଲେ, ଯେତେବେଳେ ତାହା ପୃଥିବୀ ପ୍ରସିଦ୍ଧ ଲେଖକ ଗାବ୍ରିଏଲ ଗାର୍ସିଆ ମାର୍କେ୍ୱଜଙ୍କ ଏକ କୃତି ରୂପେ ପୁସ୍ତକାକାରରେ ପ୍ରକାଶିତ ହୋଇଥିଲା; ଅର୍ଥାତ୍ ବାସ୍ତବରେ ତାହା ଥିଲା ବେଲାସ୍କୋଙ୍କ ସହିତ ସାକ୍ଷାତ୍କାର ପରେ ସେହି ଖବରକାଗଜେ ?ର ତରୁଣ ସାମ୍ବାଦିକ ଭାବେ କାର୍ଯ୍ୟରତ ଗାର୍ସିଆ ମାର୍କେ୍ୱଜଙ୍କ ରଚନା। କହିବାର ତାତ୍ପର୍ଯ୍ୟ ହେଲା, ଅଭିରୁଚି, ଆଦର୍ଶ ଓ ମୂଲ୍ୟବୋଧ ଆଦି ଦ୍ୱାରା ପରିଚାଳିତ ମୁଦ୍ରିତ ଗଣମାଧ୍ୟମର ସ୍ୱାତନ୍ତ୍ର ହୁଏତ ଅଲଂଘ୍ୟ ! ସମ୍ବାଦପତ୍ରକୁ ଯାହା ପ୍ରିୟପାତ୍ର କରିଥାଏ, ତାହା ହେଲା ପାଠକପାଠିକାଙ୍କ ସହିତ ତା'ର 'ଜୈ ?ବିକ' ସଂପର୍କ; ଛୁଇଁବା, ପଢ଼ିବା, ଚିହ୍ନିତ କରିବା, ନିଜ ଇଚ୍ଛାରେ କୌଣସି ବିଷୟକୁ ବାରମ୍ବାର ଫେରିବା ଓ କାଟି ସାଇତି ରଖିବା ଇତ୍ୟାଦିର ସୁଯୋଗ ସମ୍ବାଦପତ୍ର ହିଁ ତା'ର ପାଠକପାଠିକାଙ୍କୁ ଦେଇଥାଏ। କିନ୍ତୁ, ଯାହା ସମ୍ବାଦପତ୍ରରୁ ନ ମିଳି ସାମାଜିକ ଓ ଇଲେକ୍ଟ୍ରୋନିକ ଗଣମାଧ୍ୟମରୁ ମିଳିଥାଏ, ତାହା ହେଲା ସେଗୁଡ଼ିକର ଅହୋରାତ୍ର ଉପଲବ୍ଧତା, ଯାହା ଅନେକଙ୍କ ମତରେ ସେ ସବୁର ମୁଖ୍ୟ ଆକର୍ଷଣ। କିନ୍ତୁ ସହଜଲଭ୍ୟତା ତୁଳନାରେ ପ୍ରତୀକ୍ଷା ପରେ ପ୍ରାପ୍ତ ହେବାର ସମ୍ଭାବନା କୌଣସି ଚିଜକୁ ଅଧିକ ପ୍ରେମାସ୍ପଦ କରି ନ ଥାଏ କି ? ଦୁଇ ଦିନର ପୂଜା ଛୁଟି ହେତୁ ସକାଳର ସେହି ନିର୍ଦ୍ଦିଷ୍ଟ ବେଳାକୁ ଅଭ୍ୟାସଗତ ଭାବେ ପ୍ରତୀକ୍ଷା କରି ରହିଥିବା 'ସମ୍ବାଦ'ର ଅଗଣିତ ପାଠକପାଠିକା ଗଲା ଗୁରୁବାର ଓ ଶୁକ୍ରବାର ଯେଉଁ ଶୂନ୍ୟତାର ଅନୁଭବ କରିଥିବେ, ତାହା ହିଁ ହେଉଛି ସେହି ଲୋଡ଼ିବା, ଯାହାର କେ ?ଣସି ବିକଳ୍ପ ନ ଥାଏ !

## କମ୍ ଓଜନର ନବଜାତ ଶିଶୁର ଯତ୍ନ

ଆମ ଦେଶରେ ଜନ୍ମ ହେଉଥିବା ସମସ୍ତ ଶିଶୁମାନଙ୍କ ମଧ୍ୟରୁ ଶତକଡ଼ା ୩୦ଭାଗ ଶିଶୁଙ୍କର ଓଜନ ଜନ୍ମ ସମୟରେ କମ୍ ହୋଇଥାଏ। ଯାହାକି ପ୍ରକାରନ୍ତରେ ଅଧିକ ଶିଶୁ ମୃତ୍ୟୁ ହାରର କାରଣ ହୋଇଥାଏ। ତେବେ ସରକାର ଏହି କମ୍ ଓଜନର ନବଜାତ ଶିଶୁଙ୍କ ଯତ୍ନ ପାଇଁ ଶିଶୁ ବିଭାଗରେ ବିଭିନ୍ନ ପ୍ରୋତ୍ସାହନ ମୂଳକ ଯୋଜନା ହାତକୁ ନେଇଛନ୍ତି ତେବେ ଏହି କମ୍ ଓଜନର ଶିଶୁଙ୍କ ଜନ୍ମ ପାଇଁ ପିଲାଟି ସଂରଚନା କ୍ଷେତ୍ର ହିଁ ଦାୟୀ ହୋଇଥାଏ। ଆମ ଦେଶରେ ନବଜାତ ଶିଶୁମାନଙ୍କର ଜନ୍ମ ସମୟରେ ସ୍ୱଭାବିକ ଓଜନ ପାଖାପାଖି ତିନିକିଲୋଗ୍ରାମ ରହିଥାଏ। ଏଥିରୁ କମ୍ ଓଜନ ରହିଲେ ଏହାକୁ ସ୍ୱଳ୍ପ ଓଜନ ଥିବା ଶିଶୁ କୁହାଯାଇଥାଏ। ତେବେ ଏହା ପଛର କାରଣ ହେଉଛି ପିଲାଟି ଯଦି ଅସାମାୟିକ ଜନ୍ମ ହୋଇଥିବା ଅର୍ଥାତ୍ ଗର୍ଭାବସ୍ଥାର ୩୭ ସପ୍ତାହ ପୂର୍ବରୁ ଜନ୍ମ ଏବଂ ଦ୍ୱିତୀୟ କାରଣ ହେଉଛି ଗର୍ଭାଶୟରେ ପିଲାଟିର ବୃଦ୍ଧି ଭଲ ଭାବରେ ନହୋଇଥିବା କାରଣରୁ। ପୁଷ୍ଟି ଅଭାବ ହେତୁ ପିଲାର ଓଜନ ଏବଂ ଏହାର ଶରୀର ଗଠନ ଛୋଟ ହେଲେ ଏହାକୁ ସ୍ୱଳ୍ପ ଓଜନର ପିଲା କୁହାଯାଇଥାଏ। ସ୍ୱଳ୍ପ ଓଜନର ପିଲାଙ୍କ କ୍ଷେତ୍ରରେ ପ୍ରାୟତଃ ପୁଷ୍ଟିହୀନତା ରୋଗ, ବାରମ୍ବାର ରୋଗ ସଂକ୍ରମଣ ଏବଂ ସ୍ନାୟବିକ କ୍ରମବିକାଶ ଭଲ ଭାବରେ ହୋଇପାରିନଥାଏ। ମା'ମାନେ ଗର୍ଭଧାରଣ ବେଳେ ଉପଯୁକ୍ତ ପୁଷ୍ଟିକାରକ ଖାଦ୍ୟ ନଖାଇଲେ ଏବଂ ଗର୍ଭବତୀ ମା'ର ଓଜନ ଚାଳିଶ କିଲୋଗ୍ରାମରୁ କମ୍ ରହିଲେ ଏହି କମ୍ ଓଜନର ପିଲା ଜନ୍ମ ହେବାର ସମ୍ଭାବନା ଥାଏ। ସ୍ୱଳ୍ପ ଓଜନର ନବଜାତ ଶିଶୁମାନେ ଜନ୍ମ ହେବାର ମାସକ ଭିତରେ ଅନେକ ସମସ୍ୟାକୁ ସମ୍ମୁଖୀନ କରିଥାନ୍ତି। ପ୍ରାରମ୍ଭିକ ଭାବରେ ଶ୍ୱାସପ୍ରଶ୍ୱାସ ଠିକ୍ ଭାବରେ ହୋଇନଥାଏ। ସେହିପରି ସେମାନଙ୍କ ଶରୀରର ଉତ୍ତାପ ସଂରକ୍ଷଣ କରିବାର କ୍ଷମତା ମଧ୍ୟ ନଥାଏ। ସେଥିସହ କ୍ଷୀର ପିଇଲା ବେଳେ ସେମାନଙ୍କର ଢ଼ୋକିବାର ଅସମତା ଥିବାରୁ କ୍ଷୀର ଶ୍ୱାସନଳୀ ମଧ୍ୟକୁ ଚାଲିଯିବାର ସମ୍ଭାବନା ରହିଥାଏ। ଏଥିସହ ଏହି ଶିଶୁମାନଙ୍କ ଫୁସ୍‌ଫୁସ୍ ଏବଂ ମସ୍ତିଷ୍କର କ୍ଷୁଦ୍ର ଗହ୍ୱର ମଧ୍ୟରେ ବେଳେବେଳେ ରକ୍ତସ୍ରାବର ଭୟ ମଧ୍ୟ ରହିଥାଏ। ଏହି ପିଲାମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ପଦ୍ଧତି ହେଉଛି ଜନ୍ମ ପରବର୍ତ୍ତୀ ସମୟରେ ତତ୍‌କାଳ ଏହି ପିଲାର ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ଯତ୍ନ ନିଅନ୍ତୁ।

Printed, Published, Edited and Ownedby Prakash Kumar Dhal, Printed at Das Offset Printers, Uditnagar, Main Road, Rourkela, Dist. Sundargarh, orissa -769012 & Published at QR.No. ECR-73, Chhend Colony, Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525, Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉ ରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003




# ମାତା ବନଭୌରୀ ଦେବୀଙ୍କ ପତାକା ଶୋଭାଯାତ୍ରା



ରାଉରକେଲା,୫/୧୦(ନି/ପ୍ର): ମାତା ବନଭୌରୀ ଦେବୀଙ୍କ ଦ୍ୱିତୀୟ ବାର୍ଷିକ ପତାକା ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ ଶହ ଶହ ଭକ୍ତ। ମହିଳାଙ୍କ ସମେତ ଯୁବ ବର୍ଗର ଭକ୍ତମାନେ ଏହି ଶୋଭାଯାତ୍ରାରେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ଧାର୍ମିକ ସଂଗଠନ ପକ୍ଷରୁ ମାଆ ବନଭୌରୀ ଦେବୀଙ୍କ ପତାକା ଯାତ୍ରାର ଦ୍ୱିତୀୟ ବର୍ଷ ପାଇଁ, ରାଉରକେଲାର ବିର୍ସା ଡାହର ରୋଡ ସ୍ଥିତ ଶ୍ୟାମ ମନ୍ଦିର ପରିସରରୁ ପତାକା ପୂଜା କରିବା ପରେ, ପତାକା ଶୋଭାଯାତ୍ରା ବାହାର କରାଯାଇଥିଲା। ଗୋଟିଏ ଯାନରେ ମାତାଙ୍କ ଫଟୋ ଏବଂ ଦରବାରକୁ ଦିବ୍ୟ ଗାୟକ ଗୀତ ଗାଇ ଫୁଲରେ ସଜାଇଥିଲେ। ଏହି ଯାତ୍ରା ସକାଳ ୮ଟା ସମୟରେ ଶ୍ୟାମ ମନ୍ଦିରରୁ ଆରମ୍ଭ ହୋଇ କଚେରୀ ରୋଡ, ପାୱାର ହାଉସ ଛକ, ଟ୍ରକ ପାର୍କିଂ ଏବଂ ରିଙ୍ଗ ରୋଡ ଦେଇ ତରକେରାର ବାବା ଧବଳେଶ୍ୱର ମନ୍ଦିରରେ ପହଂଚିଥିଲା। ଶହ ଶହ ପୁରୁଷ, ମହିଳା, ଯୁବକ, ଯୁବତୀମାନେ ମାତାଙ୍କ ସ୍ତୁତି ଗାନ କରିବା ସହିତ ନୃତ୍ୟ କରି ଏହି ପତାକା ଯାତ୍ରାରେ ଅଂଶଗ୍ରହଣ କରି ତରକେରାର ଶିବ ମନ୍ଦିରରେ ପହଂଚିଥିଲେ। ମାତା ବନଭୌରୀ ଦେବୀଙ୍କ ଅନନ୍ତ ଜ୍ୱାଳା ବନଭୌରୀ ମନ୍ଦିରରୁ ଅଣାଯାଇଥିଲା, ଯାହାକୁ ତରକେରା ମନ୍ଦିରରେ ରଖାଯାଇ ପୂଜା କରାଯାଇଥିଲା। ଏହି ଅବସରରେ, ମା ବନଭୌରୀ ଦେବୀ ପରିବାରର ପଦାଧିକାରୀ ଏବଂ ଶହ ଶହ ଭକ୍ତ ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ମାଆ ବନଭୌରୀ ଦେବୀ ପରିବାରର ସଭାପତି ରାଉରକେଲାର ଦେବେନ୍ଦ୍ର ଗୁପ୍ତା, ସଚିବ ତରସେମ ଗର୍ଗ, ସଞ୍ଜୟ ବଂଶଲ, ଉମା ସିଂଘଲ, ମନୋଜ ଅଗ୍ରୱାଲ ରାଜେନ୍ଦ୍ର ଗର୍ଗ, ରୋହତାସ ଅଗ୍ରୱାଲ, ଲେଖ ରାମ ଗୋୟଲ, ବିଜୟ ଗୋୟଲ, ଅନିଲ ଅଗ୍ରୱାଲ, ମଦନ ମିତ୍ତଲ, ଅଶୋକ ଅଗ୍ରୱାଲ ଏବଂ ଅନ୍ୟାନ୍ୟ ପଦାଧିକାରୀ ଏବଂ ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ।ଏହି ଶୋଭାଯାତ୍ରାରେ ପୁରୁଣାପାଣି, ବୀରମିତ୍ରପୁର, ରାଉରକେଲା, ବିସ୍ରା ଏବଂ ଆଖପାଖ ଅଂଚଳରୁ ଶହ ଶହ ଭକ୍ତ ଅଂଶଗ୍ରହଣ କରିଥିଲେ। ଶେଷରେ, ମାଆ ବନଭୌରୀଙ୍କ ଆରତୀ କରିବା ପରେ, ଭକ୍ତମାନଙ୍କ ମଧ୍ୟରେ ପ୍ରସାଦ ବଂଟନ କରାଯାଇଥିଲା। ଆଜି ଏହି କାର୍ଯ୍ୟକ୍ରମ ପାଇଁ ତାରକେରା ଧବଳେଶ୍ୱର ଶିବ ମନ୍ଦିର ପରିସରରେ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା।

# ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ତନ୍ତୀଙ୍କ ଅଚାନକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ



ରାଉରକେଲା,୫/୧୦(ନି/ପ୍ର): ସହରାଂଚଳ ସ୍ୱାସ୍ଥ୍ୟ ମିଶନ ଯୋଜନାରେ ପରିଚାଳିତ ତଥା ରଘୁନାଥପାଲ୍ଲୀ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଇସ୍ପାତ ସହରାଂଚଳର ସେକ୍ଟର-୬ ସ୍ଥିତ ସ୍ୱାସ୍ଥ୍ୟ କେନ୍ଦ୍ରରେ କେତେକ ଅବ୍ୟବସ୍ଥା ଥିବା ଖବରପାଇ ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ଆଜି ସକାଳେ ଅଚାନକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପରିଦର୍ଶନରେ ଯାଇଥିଲେ । ଏହି ପରିଦର୍ଶନ ସମୟରେ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ଥିବା କେତେକ ଯନ୍ତ୍ରପାତି କାର୍ଯ୍ୟ କରୁନଥିବା ଜାଣିପାରିଥିଲେ।ବହୁପୂର୍ବରୁ ଡାକ୍ତରଖାନାରେ ଥିବା ଏହି ଯନ୍ତ୍ରପାତି ଅକାମି ହୋଇଯାଇଥିଲେ ମଧ୍ୟ ଏହାକୁ ଠିକ୍ କରିବା ପାଇଁ ଡାକ୍ତରଖାନା ପକ୍ଷରୁ କି ପଦକ୍ଷେପ ନିଆଯାଇଛି ସେ ସମ୍ବନ୍ଧରେ ଡାକ୍ତରଖାନାରେ ଉପସ୍ଥିତ କର୍ମଚାରୀଙ୍କୁ ପଚାରିଥିଲେ ।ତେବେ ତାଙ୍କଠାରୁ ସନ୍ତୋଷଜନକ ଉତ୍ତର ନପାଇବାରୁ ବିଧାୟକ ଦୁର୍ଗା ଚରଣ ତନ୍ତୀ କାର୍ଯ୍ୟରତ କର୍ମଚାରୀଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିବା ସହ ଘଟଣା ସ୍ଥଳରୁ ହିଁ ଏସବୁ ଅବ୍ୟବସ୍ଥା ସମ୍ବନ୍ଧରେ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଫୋନ କରି ଜଣାଇବା ସହ ତୁରନ୍ତ ଅକାମି ହୋଇ ପଡ଼ିଥିବା ଯନ୍ତ୍ରପାତିଗୁଡ଼ିକୁ ସଜାଡ଼ିବା ସହ ଅନ୍ୟାନ୍ୟ ଅବ୍ୟବସ୍ଥାକୁ ଠିକ୍ କରି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଥିବା ରୋଗୀମାନଙ୍କୁ ସେମାନଙ୍କ ଆବଶ୍ୟକତା ଅନୁସାରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।

## ପୋଖରୀରେ ବୁଡ଼ି ୨ ମୃତ

ସୁନ୍ଦରଗଡ଼,୫/୧୦(ନି/ପ୍ର): ପୋଖରୀରେ ବୁଡ଼ିଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ୫ଜଣଙ୍କ ଜୀବନ ଯାଇଛି। ସୁନ୍ଦରଗଡ଼ ଜିଲ୍ଲା ହେମଗିର ଥାନା ଗୋପାଳପୁର ପଚାଂୟତ ଝୁପୁରୁଙ୍ଗା ଚିଟକେନଢିପା ଗ୍ରାମରେ ପୋଖରୀରେ ଗାଧୋଇବା ବେଳେ ବୁଡ଼ି ଯାଉଥିବା ସାନଭାଇକୁ ଉଦ୍ଧାର କରିବାକୁ ଯାଇ ବଡ଼ଭାଇ ବି ପାଣିରେ ବୁଡ଼ି ଯାଇଥିଲେ। ମୃତ ଦୁଇଭାଇ ହେଲେ ଝୁପୁରୁଙ୍ଗା ଚିଟକେନଢିପାର ଚିତ ମାଝୀ (୪୦) ଓ ଦେବାଶିଷ ମାଝୀ (୨୦)। ଶୁକ୍ରବାର ଅପରାହ୍ଣରେ ଘଟଣାଟି ଘଟିଥିବାବେଳେ ରାତିରେ ପରିବାର ଲୋକେ ବଲିଙ୍ଗା ଫାଣ୍ଡି ଓ ଅଗ୍ନିଶମ ବାହିନୀକୁ ଖବର ଦେବା ପରେ ଘଟଣା ସାମନାକୁ ଆସିଥିଲା। ଅଗ୍ନିଶମ ବାହିନୀ ପୋଖରୀ ଭିତରେ ପଶି ରାତିରେ ସାନଭାଇ ଚିନ୍ନର ମୃତଦେହ ଉଦ୍ଧାର କରିଥିବାବେଳେ ଆଜି ଭୋରରୁ ବଡ଼ଭାଇର ମୃତଦେହ ମିଳିଥିଲା। ଦୁଇଭାଇଙ୍କ ମୃତ୍ୟୁରେ ପରିବାର ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିବାବେଳେ ଗାଁରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି।

# ବର୍ଷା ଯୋଗୁଁ ରାଉରକେଲା ସହରର ସାଧାରଣ ଜୀବନଯାତ୍ରା ବାଧାପ୍ରାପ୍ତ





ରାଉରକେଲା,୫/୧୦(ନି/ପ୍ର): ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ସହରର ଗଳି ରାସ୍ତା ସମେତ ମୁଖ୍ୟ ରାସ୍ତାଗୁଡ଼ିକରେ ବର୍ଷା ପାଣି ଭର୍ତି ହୋଇ ରହିଛି ଏବଂ ରାସ୍ତାରେ ଅଳିଆ ଗଦା ହୋଇ ରହିଛି। ସମଗ୍ର ସୁନ୍ଦରଗଡ଼ ଜିଲ୍ଲା ସମେତ ରାଉରକେଲା ଇସ୍ପାତ ସହରର ଲଘୁଚାପ ଯୋଗୁଁ ବର୍ଷା ଏବଂ ତୁହାକୁ ତୁହା ପବନ ଯୋଗୁଁ ଲୋକଙ୍କ ଜୀବନଯାତ୍ରା ବ୍ୟାହତ ହୋଇଛି। ବର୍ଷା ପୂର୍ବରୁ ଡ୍ରେନ୍ ସଠିକ୍ ଭାବରେ ସଫା ନ ହୋଇଥିବା ଯୋଗୁଁ ଡ୍ରେନର ମଇଳା ପାଣି ରାସ୍ତା ଉପରେ ପ୍ରବାହିତ ହେଉଛି। ଅନେକ ରାସ୍ତାରେ ଅଳିଆ ଗଦା ଦେଖିବାକୁ ମିଳିଛି, ଅଳିଆ ରାସ୍ତାରେ ପଡ଼ିଛି। ଶନିବାର ବିଳମ୍ବିତ ରାତିରୁ ବର୍ଷା ଏବଂ ଲଘୁଚାପ ଯୋଗୁଁ ପ୍ରବଳ ପବନ ସହରର ଅନେକ ସ୍ଥାନରେ ଜଳବନ୍ଦୀ ସୃଷ୍ଟି କରିଛି। ବର୍ଷା ରାଉରକେଲା ସହରର ଅନେକ ବସ୍ତି ଅଂଚଳରେ ବାସିନ୍ଦାଙ୍କ ପାଇଁ ଜୀବନକୁ କଷ୍ଟକର କରିଦେଇଛି। ବିଶେଷକରି ସ୍ମାର୍ଟ ସିଟିର ବାଲୁଘାଟ ବସ୍ତି, ଗାଡାଟୋଲା ବସ୍ତି, ମୋଚି ବସ୍ତି, ତରକେରା ବସ୍ତି, ବାଲୁଘାଟ ଉପର ବସ୍ତି ଏବଂ ସେକ୍ଟର-୧୬ ବସ୍ତିରେ ବର୍ଷା ପାଣି ରାସ୍ତା ଉପରେ ପାଣିର ସୁଅ ଚାଲିଛି। ରାଉରକେଲା ସହରର ମୁଖ୍ୟ ରାସ୍ତାରେ ଖାଲ ଖମାଲ ଯୋଗୁଁ ବର୍ଷା ପାଣି ଖାଲରେ ଭର୍ତି ହୋଇଯାଇଛି। ପାୱାର ହାଉସ ଛକରୁ ମଧୁସୂଦନ ଛକ ଏବଂ ମହତାବ ରୋଡ ପର୍ଯ୍ୟନ୍ତ ରାସ୍ତାରେ ଥିବା ଖାଲ ଯୋଗୁଁ ରାସ୍ତାଗୁଡ଼ିକ ବର୍ଷା ପାଣିରେ ପରିପୂର୍ଣ୍ଣ ହୋଇଯାଇଛି। ଏହାଯୋଗୁଁ ଯେକୌଣସି ସମୟରେ ସଡ଼କ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି । ରାଉରକେଲା ମହାନଗର ନିଗମର ବିଭାଗୀୟ ଅଧିକାରୀଙ୍କ ସମେତ ସ୍ମାର୍ଟ ସିଟିର ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀମାନେ ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ ଲୋକମାନଙ୍କ ପକ୍ଷରୁ ଦାବି କରାଯାଇଛି। ଏଥିସହିତ ସଫେଇ କର୍ମଚାରୀମାନେ ସହରର ରାସ୍ତାରେ ଥିବା ଅଳିଆ ଗଦାକୁ ସଫା କରିବା ଉଚିତ, କାରଣ ବର୍ଷା ଯୋଗୁଁ ରୋଗ ବ୍ୟାପିବାର ଭୟ ରହିଛି। ବିଶେଷକରି ବର୍ଷା ଦିନରେ ମଇଳା ଯୋଗୁଁ ଅନେକ ପ୍ରକାରର ରୋଗ ହୋଇପାରେ, ସ୍ୱାସ୍ଥ୍ୟ ଅଧିକାରୀ ମଧ୍ୟ ଏଥିପ୍ରତି ବିଶେଷ ଧ୍ୟାନ ଦେବା ଉଚିତ। ସଫେଇ ଠିକାଦାର ଯୁଦ୍ଧକାଳୀନ ଭିତ୍ତିରେ ସହରର ମୁଖ୍ୟ ଡ୍ରେନକୁ ସଫା କରିବା ପାଇଁ ଦାବି ହେଉଛି।

# ଏକଲା ଅଭିଯାନ ପକ୍ଷରୁ ଶ୍ରୀହରି ମନ୍ଦିର ରଥ ଉଦ୍‌ଘାଟନ




ରାଉରକେଲା,୫/୧୦(ନି/ପ୍ର): ଏକଲ ଅଭିଯାନ ଦ୍ୱାରା ସମଗ୍ର ସୁନ୍ଦରଗଡ଼ ଜିଲ୍ଲାର ୫୪୦ ଗ୍ରାମରେ ବିଦ୍ୟାଳୟ ପରିଚାଳନା କରାଯାଉଛି। ଏହି କାର୍ଯ୍ୟକ୍ରମ ଅଧିନରେ ପ୍ରାଥମିକ ଶିକ୍ଷା ସହିତ ସଂସ୍କାର ଶିକ୍ଷା, ଗ୍ରାମବାସୀଙ୍କ ପାଇଁ ଜାଗରଣ ଶିକ୍ଷା, ଆରୋଗ୍ୟ ଶିକ୍ଷା ତଥା ଗ୍ରାମ ବିକାଶ ଶିକ୍ଷା ଉପରେ ଯୋଜନା କରି ସଠିକ କ୍ରିୟାନ୍ୱୟନ କରାଯାଇଥାଏ। ଆଜି ସୁନ୍ଦରଗଡ ଜିଲ୍ଲାର ସମସ୍ତ ଗ୍ରାମାଂଚଳ ପାଇଁ ଏକଲ ଶ୍ରୀହରି ମନ୍ଦିର ରଥକୁ ଉଦ୍ଘାଟନ କରାଯାଇଛି । ଏଥିରେ ଶ୍ରୀରାମ, ଲକ୍ଷ୍ମଣ, ସୀତା ଏବଂ ହନୁମାନ ଅଷ୍ଟଧାତୁ ମୂର୍ତ୍ତି ସହିତ ଜଣେ ସାରଥି, ଜଣେ ପୂଜକ, ପ୍ରବଚକ ଏବଂ ଜଣେ ସଂଯୋଜକ ସାଥିରେ ଅଛନ୍ତି। ଏମାନେ ଯୋଜନା ମୁତାବକ ପ୍ରତ୍ୟେକ ଆଦିବାସୀ ଅଧ୍ୟୁଷିତ ଗ୍ରାମକୁ ପ୍ରବେଶ କରି, ସେଠାର ପ୍ରବଚନ ମାଧ୍ୟମରେ ସନାତନ ସଂସ୍କୃତିର ପରିଚୟ ତଥା ସମସ୍ତ ଆଦିବାସୀ ସନାତନୀ ହିନ୍ଦୁ ଆବହମାନ କାଳରୁ ରହିଆସିଛନ୍ତି। ଏହାର ତଥ୍ୟ ପ୍ରମାଣ ଭିଡିଓ ମାଧ୍ୟମରେ ପ୍ରସାରଣ କରାଯିବା ପାଇଁ ଆଉ ଆୟୋଜନ କରାଯାଇଛି। ବିଭିନ୍ନ ସୁ-ଶିକ୍ଷା, ତ୍ୟାଗ, ମାଦକଦ୍ରବ୍ୟ ବର୍ଜନ ସହିତ ଯୁବ ସମାଜକୁ ଦିଗ୍ ଦର୍ଶନ ଦେବା ପାଇଁ ବ୍ୟବସ୍ଥା କରାଯାଇଛି। ଆଜିର ଏହି ଉଦ୍ଘାଟନୀ ଉତ୍ସବରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ, ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ, ହରି କଥା ରଥ ବିଭାଗର ଓଡିଶା ପ୍ରଭାରୀ ବସନ୍ତ କୁମାର ଦାନୀ ପ୍ରମୁଖ ଉପସ୍ଥିତ ରହି ସ୍ଥାନୀୟ ସେକ୍ଟର-୧୪ର ଜନସାଧାରଣଙ୍କ ସହିତ ରଥର ଆନୁଷ୍ଠାନିକ ଉଦ୍ଘାଟନ କରିଥିଲେ।

# କଳିଙ୍ଗ ବିହାର ବସ୍ ଷ୍ଟାଣ୍ଡରେ ବେଆଇନ ଜବରଦଖଲ, ଯାତ୍ରୀମାନେ ରାସ୍ତା ଉପରେ



ରାଉରକେଲା,୫/୧୦(ନି/ପ୍ର): ସହରର ପ୍ରମୁଖ କଲୋନୀ ମଧ୍ୟରେ ଛେଣ୍ଡ କଲୋନୀର କଳିଙ୍ଗ ବିହାର ଏସିଆ ମହାଦେଶର ଦ୍ୱିତୀୟ ବୃହତ୍ତମ କଲୋନୀର ସ୍ଥାନ ପାଇଥିବା ବେଳେ, ଦିନକୁ ଦିନ ଏହାର ମୁଖ୍ୟ ରାସ୍ତା ସମେତ ଦୁଇପାର୍ଶ୍ୱରେ ବଡ ବଡ କୋଠାର ମଧ୍ୟବର୍ତ୍ତୀ ରାସ୍ତା ସଂକୁଚିତ ହେବାରେ ଲାଗିଛି। ଓଡିଶା ହାଉସିଂ ବୋର୍ଡ ଏବଂ ରାଉରକେଲା ଡେଭଲପମେଂଟ ଅଥରିଟି ଦ୍ୱାରା ନିର୍ମାଣ କରାଯାଇଥିବା ଘର ଓ ପ୍ଲଟ୍ ଆବଟିଂତ ହେବା ପରେ, ଏହା ରାଉରକେଲା ପୌରପାଳିକା (ପୌରନିଗମ)କୁ ହସ୍ତାନ୍ତରିତ କରାଯାଇଥିଲା। କିନ୍ତୁ ଏବେର ରାଉରକେଲା ମହାନଗର ନିଗମ ଏବଂ ପ୍ରଶାସନ ରାସ୍ତା ପାର୍ଶ୍ୱର ଜବରଦଖଲ ସ୍ଥାନକୁ ଉଚ୍ଛେଦ କରିବାରେ ବିଫଳ ହୋଇଛି। ରାସ୍ତା ପାର୍ଶ୍ୱରେ ରହିଛି ବେଆଇନ ମାଳ ମାଳ ଗୁମୁଟି, ମାଛ ଦୋକାନ, କୁକୁଡା ଦୋକାନ, ମାଂସ ଦୋକାନ, ପରିବା ଦୋକାନ, ମାଂସ ଓ ମାଛ ପୋଡା ଦୋକାନ ଏବଂ ଅନ୍ୟାନ୍ୟ ଦୋକାନ। ସତେ ଯେପରି ଏଠାରେ କୌଣସି ପ୍ରଶାସନ ନଥିବା ସୂଚୀତ କରୁଛି। ରାଉରକେଲା, ପ୍ରଶାସନିକ ଅଧିକାରୀଙ୍କ ପାଇଁ ଏକ ପ୍ରୟୋଗଶାଳା ପାଲଟିଛି କହିଲେ ଅତ୍ୟୁକ୍ତି ହେବନାହିଁ। ଏଠାରେ ହନୁମାନ ମନ୍ଦିର ସମ୍ମୁଖରେ ବସ୍ ଷ୍ଟାଣ୍ଡରେ ମାଛ ଦୋକାନଗୁଡ଼ିକ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ଦୁର୍ଗନ୍ଧରେ ନାକ ଫାଟି ପଡୁଥିଲେ ମଧ୍ୟ, ଜନସାଧାରଣ ସ୍ୱୟଂ ଶାସିତ ମହାନଗର ନିଗମର ନୀରବତା ଦେଖି ଆଶ୍ଚର୍ଯ୍ୟ ହୋଇଯାଉଛନ୍ତି। ଯାହା ପୌର ପ୍ରଶାସନର ନୀରବତା ଉପରେ ପ୍ରଶ୍ନ ଉଠାଇଛି। ରାଉରକେଲା ସହରର ମଧ୍ୟଭାଗ ଛେଣ୍ଡର କଳିଙ୍ଗ ବିହାର ହନୁମାନ ମନ୍ଦିର ସମ୍ମୁଖରେ ବସ୍ ଷ୍ଟାଣ୍ଡରେ ବେଆଇନ ଜବରଦଖଲର ଅଭିଯୋଗ ଉଠିବାରେ ଲାଗିଛି। ବସ୍ ଷ୍ଟାଣ୍ଡ ପରିସରରେ ଏବଂ ଏହାର ଆଖପାଖରେ ମାଛ ଦୋକାନ ଖୋଲିବା ଯାତ୍ରୀଙ୍କ ସୁବିଧାକୁ ପ୍ରଭାବିତ କରିଛି। ଫଳସ୍ୱରୂପ, ଯାତ୍ରୀମାନେ ରାସ୍ତା କଡ଼ରେ ଅପେକ୍ଷା କରିବାକୁ ବାଧ୍ୟ ହେଉଛନ୍ତି, ଯାହା ଫଳରେ ପ୍ରତିଦିନ ଟ୍ରାଫିକ୍ ଜାମ୍ ଏବଂ ବିଶୃଙ୍ଖଳା ସୃଷ୍ଟି ହେଉଛି। ସ୍ଥାନୀୟ ବାସିନ୍ଦାମାନେ କହିଛନ୍ତି ଯେ, ବସ୍ ଷ୍ଟାଣ୍ଡଟି ଯାତ୍ରୀଙ୍କ ସୁବିଧା ପାଇଁ ନିର୍ମିତ ହୋଇଥିଲା, କିନ୍ତୁ ଏହା ଏବେ ସମ୍ପୂର୍ଣ୍ଣ ବିଶୃଙ୍ଖଳିତ ହୋଇପଡ଼ିଛି। ଦୋକାନୀମାନେ ବସ୍ ଷ୍ଟାଣ୍ଡର ଏକ ଅଂଶକୁ ଜବରଦଖଲ କରିଛନ୍ତି। ପ୍ରଶାସନ ଏବଂ ଜଗଉ (ରାଉରକେଲା ମ୍ୟୁନିସିପାଲ୍ କର୍ପୋରେସନ୍) ଏପର୍ଯ୍ୟନ୍ତ କୌଣସି ଠୋସ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାଁନ୍ତି। ସଚେତନ ନାଗରିକମାନେ ଏହି ମାମଲାରେ ପୌର ପ୍ରଶାସନର ତୁରନ୍ତ ହସ୍ତକ୍ଷେପ ଦାବି କରିଛନ୍ତି। ସେମାନେ କହିଛନ୍ତି ଯେ, ଯଦି ସମୟୋଚିତ ପଦକ୍ଷେପ ନିଆ ନ ଯାଏ, ତେବେ ଏହି ଜବରଦଖଲ ସ୍ଥାୟୀ ହୋଇପାରେ ଏବଂ ସାର୍ବଜନୀନ ସମ୍ପତ୍ତି ଉପରେ ଜବରଦଖଲର ଏହି ଧାରା ଆହୁରି ବୃଦ୍ଧି ପାଇବାର ଆଶଙ୍କା ରହିଛି। ସ୍ଥାନୀୟ ବାସିନ୍ଦାମାନେ ଦାବି କରିଛନ୍ତି ଯେ ବସ୍ ଷ୍ଟାଣ୍ଡକୁ ଜବରଦଖଲ ମୁକ୍ତ କରାଯାଉ ଏବଂ ଯାତ୍ରୀମାନଙ୍କ ପାଇଁ ଉପଯୁକ୍ତ ବ୍ୟବସ୍ଥା ପୁନଃସ୍ଥାପିତ କରାଯାଉ।

# ଆଇଜିଏଚ୍‌ର ଡାକ୍ତରଙ୍କ ଦ୍ୱାରା ଏଣ୍ଡୋସ୍କୋପି ମାଧ୍ୟମରେ ପେଟରୁ ଟୁଥବ୍ରସ୍ ସଫଳ ନିଷ୍କାସନ ସହ ବୃଦ୍ଧ ମହିଳାଙ୍କ ଜୀବନ ରକ୍ଷା



ରାଉରକେଲା,୫/୧୦(ନି/ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା ଅଧିନସ୍ଥ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍)ର ଡାକ୍ତରମାନେ ଏଣ୍ଡୋସ୍କୋପିକ୍ ପ୍ରକ୍ରିୟା ମାଧ୍ୟମରେ ଜଣେ ୬୯ ବର୍ଷୀୟ ବୃଦ୍ଧାଙ୍କ ପେଟରୁ ସଫଳତାର ସହ ଏକ ଟୁଥବ୍ରସ୍ ବାହାର କରି ଏକ ବିରଳ ଚିକିତ୍ସା ସଫଳତା ହାସଲ କରିଛନ୍ତି। ନୂଆଗାଁ ବ୍ଲକ ଅନ୍ତର୍ଗତ ବାଗଡେଗା ଗ୍ରାମର ଏହି ମହିଳା ଜଣକ ଦୁଇ ଦିନ ପୂର୍ବରୁ ଏକ ଟୁଥବ୍ରସ୍ କୁ ଭୁଲବଶତଃ ଗିଳିଦେଇ ଗୁରୁତର ଅସୁସ୍ଥ ହୋଇଥିଲେ। ସେ ଅକ୍ଟୋବର ୩ ତାରିଖ ଦିନ ସକାଳ ୭.୪୫ରେ ନିକଟବର୍ତ୍ତୀ ହସ୍ପିଟାଲରୁ ଅଧିକ ଚିକିତ୍ସା ପାଇଁ ରେଫର ହୋଇ ଆଇଜିଏଚରେ ଭର୍ତ୍ତି ହୋଇଥିଲେ। ତାଙ୍କୁ ଅନ୍ୟ ଚିକିତ୍ସାଳୟ ମାନଙ୍କରେ ପେଟରେ ଏକ ବଡ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦିଆଯାଇଥିଲାବେଳେ ଆଇଜିଏଚର ଏଣ୍ଡୋସ୍କୋପି ସୁବିଧା ବିଷୟରେ ଅବଗତ ହୋଇ ତାଙ୍କ ପରିବାର ତାଙ୍କୁ ଆଇଜିଏଚ କୁ ଆଣିଥିଲେ। ତୁରନ୍ତ ଚିକିତ୍ସା ପାଇଁ ଭର୍ତ୍ତି ଏବଂ ଆବଶ୍ୟକୀୟ ରୋଗ ନିର୍ଣ୍ଣୟ ପରୀକ୍ଷା ପରେ, ଟୁଥବ୍ରସ୍ ଟି ତାଙ୍କ ପେଟରେ ରହିଥିବା ଜଣାଯାଇଥିଲା । ବିଳମ୍ବ ନକରି ତାଙ୍କୁ ଅପରେସନ ଥିଏଟରକୁ ନିଆଯାଇଥିଲା। ଯେଉଁଠାରେ ଚିକିତ୍ସା ଏବଂ ସ୍ୱାସ୍ଥ୍ୟ ସେବା ବିଭାଗର ପୂର୍ବତନ ସିଏମଓ ତଥା ବରିଷ୍ଠ ବିଶେଷଜ୍ଞ ପରାମର୍ଶଦାତା ଡକ୍ଟର ପି. କେ. ମହାପାତ୍ରଙ୍କ ସମେତ ଏକ ବିଶେଷଜ୍ଞ ଡାକ୍ତରୀ ଦଳ ଏଣ୍ଡୋସ୍କୋପି ଟେକ୍ନିସିଆନ୍ ଶ୍ରୀ ଚିନ୍ତାମଣିଙ୍କ ସହଯୋଗରେ ଏଣ୍ଡୋସ୍କୋପି ପ୍ରକ୍ରିୟା ସମ୍ପାଦନ କରିଥିଲେ । ଅତିରିକ୍ତ ସିଏମଓ (ମେଡିକାଲ୍) ଡକ୍ଟର ମନୋରଞ୍ଜନ ସାମନ୍ତରାୟ ନିଶ୍ଚେତକ ସହାୟତା ପ୍ରଦାନ କରିଥିଲେ। ୩୦ ମିନିଟ୍ ର ଏକ ଆହ୍ୱାନପୂର୍ଣ୍ଣ ଏଣ୍ଡୋସ୍କୋପିକ ପ୍ରକ୍ରିୟା ପରେ, ଡାକ୍ତରୀ ଦଳ ସଫଳତାର ସହ ଟୁଥବ୍ରଶ୍ ଟିକୁ ବାହାର କରିଥିଲେ। ଏହି ଜଟିଳ ଚିକିତ୍ସା ପ୍ରକ୍ରିୟା ପରେ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଦ୍ରୁତ ଉନ୍ନତି ହୋଇଥିଲା। ଆଇଜିଏଚରେ ପୂର୍ବରୁ ଅନେକ କ୍ଷେତ୍ରରେ ଛୋଟପିଲା ଏବଂ ବୟସ୍କ ଉଭୟଙ୍କ ଦ୍ୱାରା ମୁଦ୍ରା, ପିନ, ମାର୍ବଲ ଓ ବୋତାମ ଭଳି ବାହ୍ୟ ଜିନିଷ ଦୁର୍ଘଟଣାଜନକ ରୂପେ ଗିଳିବା ଯୋଗୁଁ ଗୁରୁତର ସ୍ୱାସ୍ଥ୍ୟସମସ୍ୟାର ସଫଳ ଚିକିତ୍ସା ସମ୍ପାଦିତ ହୋଇଛି କିନ୍ତୁ ଟୁଥବ୍ରଶ୍ ଗିଳିବା ସହ ଜଡିତ ଏହି ଚିକିତ୍ସା ଆଇଜିଏଚ ପାଇଁ ପ୍ରଥମ ଘଟଣା ରହିଛି। ଏହି ସଫଳ ଚିକିତ୍ସା ପୁନଶ୍ଚ ଆଇଜିଏଚର ଉନ୍ନତ ଚିକିତ୍ସା ବିଶେଷଜ୍ଞତାକୁ ପ୍ରଦର୍ଶନ କରିବା ସହିତ ରାଜ୍ୟର ପ୍ରମୁଖ ଚିକିତ୍ସା ପ୍ରତିଷ୍ଠାନମାନଙ୍କ ସହିତ ତୁଳନୀୟ ସ୍ୱାସ୍ଥ୍ୟସେବା ମାନଦଣ୍ଡ ଓ ମାନବତା ସେବା ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରୁଛି ।

# ସ୍ୱର୍ଗତ ବନମାଳି ବିଶ୍ୱାଳଙ୍କ ଶ୍ରଦ୍ଧାଞ୍ଜଳୀ ସମାରୋହ

କେନ୍ଦ୍ରାପଡ଼ା,୫/୧୦(ନି/ପ୍ର): ଚନ୍ଦନପୁର ବିଜୁ ଜନତାଦଳ ତରଫରୁ ବରିଷ୍ଠ ସଂଗଠକ ତଥା ପୂର୍ବତନ ପ୍ରାଣୀଧନ ଚିକିତ୍ସକ ସ୍ୱର୍ଗତ ବନମାଳୀ ବିଶ୍ୱାଳଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳୀ ସମାରୋହ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜକିଶୋର ମିଶ୍ରଙ୍କ ଅଧ୍ୟକ୍ଷତାରେ ତମାଳ ଶାସନ ରଥ ଦାଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ପୂର୍ବତନ ମନ୍ତ୍ରୀ ତଥା କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟଅତିଥି ରୁପେ ଯୋଗଦେଇ ସ୍ୱର୍ଗତ ବିଶ୍ୱାଳ ଜଣେ ଦୃଢମାନା ତଥା ଦରଦୀ ମଣିଷ ଭାବରେ ବର୍ଣ୍ଣନା କରିଥିଲେ। ଜିଲ୍ଲା ବିଜେଡି ସଭାପତି ଶିବ ପ୍ରସାଦ ଭଳ ସମ୍ମାନୀୟ ଅତିଥି ଭାବରେ ଶ୍ରଦ୍ଧାଞ୍ଜଳୀ କାର୍ଯ୍ୟକ୍ରମରେ ଭାଗ ନେଇ କହିଥିଲେ ଯେ ସ୍ୱର୍ଗତ ବନମାଳୀ ବିଶ୍ୱାଳ ଜଣେ ଲୋକପ୍ରିୟ ଚିକିତ୍ସକ ବିଚାର ବନ୍ତ ମଣିଷ ଥିଲେ। ଅନ୍ୟତମ ଅତିଥି ଭାବରେ ଜିଲ୍ଲାପରିଷଦର ଅଧ୍ୟକ୍ଷା ଲିଳିତା ଦାସ ତାଙ୍କୁ ବିବେକି ଓ ହୃଦୟବାନ ବ୍ୟକ୍ତି ବୋଲି କହିଥିଲେ। ପୂର୍ବତନ ପଂଚାୟତ ସମିତି ଅଧ୍ୟକ୍ଷ ଦୁର୍ଗାଶିଷ ମହାନ୍ତି ସ୍ୱର୍ଗତ ବନମାଳୀ ବିଶ୍ୱାଳଙ୍କୁ ଜଣେ ନିର୍ଭିକ ତଥା ଅନୁଶାସନ ଧର୍ମୀ ଭାବେ ସାଧାରଣରେ ବିଦିତ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ବିଗତ ଆତ୍ମାର ସଦଗତି ନିମନ୍ତେ ଶ୍ରଦ୍ଧାଞ୍ଜଳୀ ସଭାରେ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।